# ଇପିଏଫ୍ ଅର୍ଥ ହଡ଼ପକାରୀ ସଂସ୍ଥାକୁ ଅନୁକମ୍ପା

**ଯାଜପୁର, ୧୭।୩ (ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ସେବା ଯୋଗାଇ ଦେବା ପାଇଁ ଆଉଟ୍‌ସୋର୍ସିଂ ସଂସ୍ଥା ଚୟନରେ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ ପକ୍ଷରୁ ଆହୂତ ଟେଣ୍ଡର ପ୍ରକ୍ରିୟାରେ ପୂର୍ବରୁ ୫ ଜଣ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ହଡ଼ପ କରିଥିବା ଏକ ସଂସ୍ଥାକୁ ପୁଣି ନିଯୁକ୍ତି ଦେବାକୁ ମସୁଧା ହେଉଥିବା ନେଇ ଏକ ଅଭିଯୋଗ ଆସିଛି। ଉଲ୍ଲେଖଯୋଗ୍ୟ, ଏଥିପୂର୍ବରୁ ଏହି କାର୍ଯ୍ୟାଳୟ ପକ୍ଷରୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାପତ୍ତା ରକ୍ଷୀ ନିଯୁକ୍ତି ନିମନ୍ତେ ଆଉଟ୍‌ସୋର୍ସିଂ ସଂସ୍ଥା ଚୟନ ପାଇଁ ଆହୂତ ଟେଣ୍ଡର ପ୍ରକ୍ରିୟାରେ ସମାନ ପ୍ରକାର ଅନିୟମିତତା କରିବାକୁ ଉଦ୍ୟମ ହୋଇଥିଲା। ଏ ସଂକ୍ରାନ୍ତରେ ଫେବୃଆରୀ ୨୬ରେ ଧରିତ୍ରୀରେ ନିର୍ମଳ ଯୋଜନାର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଉକ୍ତ ଟେଣ୍ଡର ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

ଅଭିଯୋଗ ଅନୁଯାୟୀ, ସିଡିଏମ୍‌ଓ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ସେବା ଯୋଗାଇ ଦେବା ଲକ୍ଷ୍ୟ ରଖି ଆଉଟ୍‌ସୋର୍ସିଂ ସଂସ୍ଥା ଚୟନ ପାଇଁ ପତ୍ରସଂଖ୍ୟା ୧୧୮୫/

## ନିର୍ମଳ ଯୋଜନାର ଟେଣ୍ଡର ପ୍ରକ୍ରିୟାରେ ପୁଣି ଅନିୟମିତତା ଅଭିଯୋଗ

୧୯।୨।୨୦୨୬ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସେଥିପାଇଁ ଏକାଧିକ ସଂସ୍ଥା ଆବେଦନ କରିଥିଲେ, ଯେଉଁଥିରୁ ୩ଟି ସଂସ୍ଥା ଆବଶ୍ୟକ ଯୋଗ୍ୟତା ବହନ କରୁଥିବାରୁ ସେମାନଙ୍କୁ ତାଲିକାଭୁକ୍ତ କରାଯାଇଥିଲା। ମାତ୍ର ସେଥିରୁ ଯେଉଁ ୨ଟି ଅଭିଜ୍ଞତାସମ୍ପନ୍ନ ସଂସ୍ଥା ରହିଛନ୍ତି, ସେମାନଙ୍କୁ କୌଣସିମତେ ବାଦ୍ ଦେଇ ଅତୀତରେ ଯେଉଁ ସଂସ୍ଥା ନିଯୁକ୍ତି ପାଇଥିଲା, ତାକୁ ପୁଣି ସାମିଲ କରିବାକୁ ଉଦ୍ୟମ କରାଯାଉଛି। ଏହି ସଂସ୍ଥା ଆଉଟ୍‌ସୋର୍ସିଂ ମାଧ୍ୟମରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା କର୍ମଚାରୀ ନିଯୁକ୍ତି ଦେଇ ବିଭିନ୍ନ ଅନିୟମିତତା ଓ ବେଆଇନ କାର୍ଯ୍ୟ କରିଥିବା ପ୍ରମାଣ ରହିଛି ବୋଲି ଅଭିଯୋଗ ହେଉଛି। ତଥାପି ସିଡିଏମ୍‌ଓ କାର୍ଯ୍ୟାଳୟର କେତେଜଣ ଅସାଧୁ କର୍ମଚାରୀ ଉକ୍ତ ସଂସ୍ଥାକୁ ଏବେ ଚୟନ କରିବା ପାଇଁ ଅଣ୍ଟା ଭିଡ଼ିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ମା' ବିରଜା ଟ୍ରେଡର୍ସ (ଏମ୍‌ବିଟି) ନାମକ ସଂସ୍ଥାକୁ ଯାଜପୁର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟ୍‌ସୋର୍ସିଂ ମାଧ୍ୟମରେ ସ୍ୱଚ୍ଛତା କର୍ମଚାରୀ ନିଯୁକ୍ତି ପାଇଁ ଚୟନ କରାଯାଇଥିଲା। କିନ୍ତୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ୫ ଜଣ ସ୍ୱଚ୍ଛତା କର୍ମଚାରୀଙ୍କର ଇପିଏଫ୍ ଅର୍ଥ ରାଶି ଜମା ନ କରି ହଡ଼ପ କରିଥିବା ନେଇ ଉକ୍ତ ସଂସ୍ଥା ବିରୋଧରେ କର୍ମଚାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ସେହି ଆଧାରରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପତ୍ରସଂଖ୍ୟା ୧୨୫/୧।୩।୨୦୨୫ରେ


OFFICE OF THE MEDICAL OFFICER I/C, CHC DANAGADI
AT/PO-DANAGADI, DIST- JAJPUR, 755026
E-Mail: bpmudanagadi1@gmail.com // Ph. No. 06726-261226

Order no.- 125 // Date- 01/03/2025

To
The Chief District Medical & Public Health Officer,
Jajpur

Sub – Regarding EPF deduction of Sanitary worker, CHC Danagadi

Sir,
In inviting reference to the above cited subject I am to inform you that the Sanitary worker are working under CHC Danagadi which have given a written complain to the Office undersigned. It was mentioned that their EPF were not deducted from of Nov-2024 to January-2025 by the concern agency i.e MBT, Jajpur. The complain copy is attached herewith for your reference.

This is for favour of your information and necessary action.

Yours faithfully,
Superintendent, CHC Danagadi

Memo No- 126 // Date 01/03/2025
1. Copy forwarded to MBT, Jajpur for information and necessary action.

Superintendent, CHC Danagadi

ଦାନଗଦି ସିଏଚସି ଅଧୀକ୍ଷକଙ୍କ ପତ୍ର ।

ସୁପାରିସ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ସଂସ୍ଥାର କର୍ତ୍ତୃପକ୍ଷ କେତେଜଣ ଅଧିକାରୀଙ୍କୁ ଧରାଧରି କରି ଅଭିଯୋଗକୁ ଚପାଇ ଦେବାରେ ସଫଳ ହୋଇଥିଲେ। ତେବେ ସେହିଭଳି ବେଆଇନ କାର୍ଯ୍ୟ କରି ଆସିଥିବା ସଂସ୍ଥାକୁ କାହା ସ୍ୱାର୍ଥରେ ପୁଣି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ସେବା ଯୋଗାଇ ଦେବା ପାଇଁ ନିଯୁକ୍ତି ଦେବାକୁ ଉଦ୍ୟମ ଆରମ୍ଭ ହେଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍‌ଓ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟା ଏଯାଏ ଚୂଡ଼ାନ୍ତ ହୋଇନାହିଁ। ସଂସ୍ଥା ଚୟନ କରିବାକୁ ଏକ କମିଟି ରହିଛି। କମିଟି ପକ୍ଷରୁ ଯାଞ୍ଚ କରିବା ପରେ ନିଷ୍ପତ୍ତି ନିଆଯିବ। ଯଦି କୌଣସି ସଂସ୍ଥା ବିରୋଧରେ ଦୁର୍ନୀତି ଅଭିଯୋଗ ଥାଏ, ସେ ନେଇ ମଧ୍ୟ କମିଟି ବିଚାର କରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଯାଜପୁର ଜିଲାରେ ନିର୍ମଳ ଯୋଜନା ଅଧୀନରେ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ଆହୂତ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଯେଉଁଥିରେ ଅନେକ ବିଡର ଟେଣ୍ଡର ପକାଇଥିଲେ ମଧ୍ୟ ଉକ୍ତ ଟେଣ୍ଡରକୁ ଆଉ ଖୋଲା ନ ଯାଇ ଝୁଲାଇ ରଖାଯାଇଥିଲା। ଏଥିରେ କୌଣସି କାରଣ ନ ଥାଇ ସିଡିଏମ୍‌ଓ ନିଜ କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୦୫୨ ମାଧ୍ୟମରେ ୨୦୨୫ ଅକ୍ଟୋବର ୧୫ରେ ନାକଚ କରିଦେଇଥିଲେ। ପରେ ସେହିଦିନର ପତ୍ରସଂଖ୍ୟା ୫୦୫୩ ମାଧ୍ୟମରେ ନିର୍ମଳ ଯୋଜନା ଅଧୀନରେ ସୁରକ୍ଷା କର୍ମୀ ନିୟୋଜିତ ପାଇଁ ପୁନଃ ଟେଣ୍ଡର ନିମନ୍ତେ ଏକ ବିଜ୍ଞାପନ ପ୍ରକାଶ କରିବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ପତ୍ର ପଠାଇଥିଲେ। ମାତ୍ର ସେହି ସମୟରେ ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ବିଭାଗ ପକ୍ଷରୁ ଏହାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମତି ନେବା ପାଇଁ ଟିପ୍ପଣୀ ଦେଇ ଅକ୍ଟୋବର ୧୬ରେ ଫେରାଇ ଦିଆଯାଇଥିଲା। କିନ୍ତୁ ଜିଲା କର୍ତ୍ତୃପକ୍ଷ ଆଉ କୌଣସି ଅନୁମତି ନ ନେଇ କିମ୍ବା ପୁଣି ବିଜ୍ଞାପନ ନ ଦେଇ ଚଞ୍ଚକତା କରି ଟେଣ୍ଡର ପ୍ରକ୍ରିୟାକୁ ଗୁପ୍ତ ଭାବେ ଆଗକୁ ବଢ଼ାଇଥିଲେ। ଫଳରେ ରାଜ୍ୟର ଅନେକ ଅଭିଜ୍ଞ ସଂସ୍ଥା ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରି ପାରି ନ ଥିଲେ।

# ଓଚିନ୍ଦାରେ ରାଧାକୃଷ୍ଣଙ୍କ ମିଳନ ଉତ୍ସବ, ମେଣ୍ଢାଘର ପୋଡ଼ା



**ପଣିକୋଇଲି, ୧୭।୩ (ବିକାଶ ଚନ୍ଦ୍ର ମଲ୍ଲିକ)**

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ରାଧାକୃଷ୍ଣ ମିଳନ ଉତ୍ସବ, ଦୋଳମୁଣ୍ଡାଇ ଓ ନୂତନ ପଞ୍ଜିକା ପଠନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଗ୍ରାମବାସୀ ଗୋପୀନାଥ ମନ୍ଦିରରୁ ରାଧାକୃଷ୍ଣଙ୍କୁ ମନ୍ଦିରରୁ ଆଣି ବିମାନ ଯୋଗେ ଗ୍ରାମ ପରିକ୍ରମା କରିଥିଲେ। ନାମ ସଂକୀର୍ତ୍ତନ, ଶଙ୍ଖ, ହୁଳହୁଳି, ଘଣ୍ଟବାଦ୍ୟ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯିବା ପରେ ରାସସ୍ଥଳୀରେ ପ୍ରଭୁଙ୍କୁ ବିଜେ କରାଯାଇଥିଲା। ସେଠାରେ ନୂତନ ପାଞ୍ଜି ପଠନ, ରାଜ୍ୟ ଓ ଦେଶର ଭବିଷ୍ୟତ ଗଣନା ଜ୍ୟୋତିର୍ବିଦ୍ ନାରାୟଣ ନାୟକଙ୍କ ଦ୍ୱାରା ପଠନ ପରେ ମେଣ୍ଢାଘର ପୋଡ଼ାଯାଇଥିଲା। ସମସ୍ତ ଗ୍ରାମବସୀ ବିଶେଷ କରି ଯୁବକମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୂଜକ ଭାବେ ରଘୁନାଥ ପାଢ଼ୀ, ପରମାନନ୍ଦ ଶତପଥୀ, ମୋହନ ଚରଣ ପାଢ଼ୀ, କୃଷ୍ଣଚନ୍ଦ୍ର ପାଢ଼ୀ, ରାଧାକାନ୍ତ ଶତପଥୀ, ସଦାନନ୍ଦ ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ସତୀଶ ଧଳ, ଆଲୋକ ବେହେରା, ଅଚ୍ୟୁତାନନ୍ଦ ସାହୁ, ଭୀମସେନ ଦାସ, ନଣ୍ଡା ଦାସ, ଅକ୍ଷୟ ସାମଲ, ଅୟୋଜ୍ୟୋତି ସାମଲ, ସୁରେଶ ଧଳ, ଶିବ ପ୍ରସାଦ ଗିରି, ଜିତେନ୍ଦ୍ର ଭାରତୀଙ୍କ ସମେତ ସମସ୍ତ ଯୁବକ ପରିଚାଳନାରେ ସହଯୋଗ କରିଥିଲେ।

# ମା' ନେଙ୍କୁରୁଣୁଣୀଙ୍କ ବାର୍ଷିକ ଉତ୍ସବ, ବାରୁଣୀ ଯଜ୍ଞ

**ପଣିକୋଇଲି, ୧୭।୩ (ବିକାଶ ଚନ୍ଦ୍ର ମଲ୍ଲିକ)**

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ରୋଡରେ ଥିବା ମା' ନେଙ୍କୁରୁଣୁଣୀ ପୀଠଠାରେ ମଙ୍ଗଳବାର ମା'ଙ୍କ ବାର୍ଷିକ ଉତ୍ସବ ସହିତ ବାରୁଣୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କେତେ ବର୍ଷ ଧରି ଏହି ପୀଠରେ ଏଭଳି କାର୍ଯ୍ୟକ୍ରମ ଚାଲିଛି ତାକୁ କେହି ଆକଳନ କରିପାରିନାହାନ୍ତି। ପ୍ରତ୍ୟକ୍ଷ ଦେବୀ ମା' ନେଙ୍କୁରୁଣୁଣୀ ପୀଠରେ ପ୍ରତିବର୍ଷ ବାରୁଣୀରେ ଯଜ୍ଞ ଓ ମା'ଙ୍କ ଜନ୍ମବାର୍ଷିକ ପାଳନ କରାଯାଉଛି। କ୍ରମଶଃ ଏହାର କାର୍ଯ୍ୟକ୍ରମର ଆକାର ବୃଦ୍ଧି ପାଇପାରେ ଲାଗିଛି। ଭକ୍ତମାନଙ୍କ ଦ୍ୱାରା ପୀଠ ନିକଟରେ ମହାବୀର ମୂର୍ତ୍ତି ସ୍ଥାପନା କରାଯାଇଥିବା ବେଳେ ଶିବ ମନ୍ଦିର କାର୍ଯ୍ୟ ଆଗେଇ ଚାଲିଛି। ସକାଳୁ ବିଧି ଅନୁଯାୟୀ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଛି। ଯଜ୍ଞ ସହିତ ନାମଯଜ୍ଞ ମଧ୍ୟ କରାଯାଇଛି। ପୂଜକ ଭାବେ ପରମାନନ୍ଦ ଶତପଥୀ ଓ ପ୍ରସନ୍ନ ପଣ୍ଡା ଯଜ୍ଞକାର୍ଯ୍ୟ ଆରମ୍ଭ କରିଛନ୍ତି। ଶଶିଭୂଷଣ ସେନାପତି ସସ୍ତ୍ରୀକ ଯଜ୍ଞକର୍ତ୍ତା ଭାବେ ଯୋଗଦେଇଥିବା ବେଳେ ମା'ଙ୍କ କୃପାରୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଛି। ମା'ଙ୍କ ପ୍ରତ୍ୟେକ ଦିନର ସେବକ ନେଙ୍କୁରୀ ମାଝୀ କାର୍ଯ୍ୟକ୍ରମରେ ସମସ୍ତ ସହଯୋଗ କରିଥିଲେ। କମିଟି ପକ୍ଷରୁ ଉତ୍ସବ ମହାରଣା, ସତ୍ୟାନନ୍ଦ ମହାରଣା, ଦୀପକ ବେହେରା, କୁଳମଣି ଦାସ, ନରୋତ୍ତମ ସାମଲ, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ବିଶ୍ୱଜିତ ମହାନ୍ତି, ଶୋଭିନ ପରିଡ଼ା, ମନୋଜ ବେହେରା, ସନ୍ତୋଷ ପାତ୍ର, ସରୋଜ ଶତପଥୀ, ଭାସ୍କର ସାହୁ, ନରୋତ୍ତମ ସାମଲ, ବ୍ରହ୍ମାନନ୍ଦ ସାହୁ, ମାୟାଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।



ମା' ନେଙ୍କୁରୁଣୁଣୀ ପୀଠ।

# ଉତ୍କଳମଣି ସେବା ସଙ୍ଗଠନ: ପଲିଥିନ୍ ମୁକ୍ତ ଅଭିଯାନ ପାଇଁ ପ୍ରସ୍ତୁତି



ବୈଠକରେ ଉତ୍କଳମଣି ସେବା ସଙ୍ଗଠନର ସଦସ୍ୟମାନେ।

**ଜେନାପୁର, ୧୭।୩ (ଅଶୋକ ଦାସ):**

ଧର୍ମଶାଳା ବ୍ଲକ୍ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ବ୍ରାହ୍ମଣୀ ନଦୀ କୂଳରେ ଥିବା ବାଲିଯାତ୍ରା ପଡିଆ ଗୋପବନ୍ଧୁ ସ୍ମୃତିପୀଠ ପରିସରରେ ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ଆସନ୍ତା ୨୨ ତାରିଖରେ ପଲିଥିନ୍ ମୁକ୍ତ ଅଭିଯାନ ନିମନ୍ତେ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ସେବା ସଙ୍ଗଠନର ସଦସ୍ୟ ଡା. ପ୍ରମୋଦ କୁମାର ପାତ୍ରଙ୍କ ଆହ୍ୱାନକ୍ରମେ ଆରମ୍ଭ କରାଯାଇଥିଲା। ଏଥିରେ ସଭାପତି ଲୋକନାଥ ପୁରୀଙ୍କ ସଭାପତିତ୍ୱରେ ଜେନାପୁର ପଞ୍ଚାୟତ ଓ ବୃନ୍ଦାଦେଇପୁର ପଞ୍ଚାୟତର ୨୯ ୱାର୍ଡର ବିଭିନ୍ନ ଗାଁରେ ପଦଯାତ୍ରା କରାଯାଇ ପଲିଥିନର ବ୍ୟବହାର ଦ୍ୱାରା ପରିବେଶର କିପରି ପ୍ରଭାବ ପକାଇଥାଏ ତାହା ସଚେତନତା କରିଯିବା ସହ ଛକ ସ୍ଥାନରେ ଅଳିଆ କୁଣ୍ଡ ରଖାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଜେନାପୁର ସରକାରୀ ହାଇସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଆଗାମୀଦିନରେ ଜେନାପୁର ମା' ହିଙ୍ଗୁଳା ମନ୍ଦିର ଉତ୍ସବ ନିମନ୍ତେ ଅଳିଆ କୁଣ୍ଡ ବ୍ୟବହାର ପାଇଁ ଯାତ୍ରାରେ ସଚେତନ କରିବା ସହ ଷ୍ଟଲ୍ ମଧ୍ୟ ଖୋଲାଯିବାର ଆଲୋଚନା ହୋଇଥିଲା। ଯେଉଁ ବଦାନ୍ୟ ବ୍ୟକ୍ତି ଅଳିଆ କୁଣ୍ଡ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିବେ ତାଙ୍କ ନାମ କୁଣ୍ଡରେ ଲେଖାଯିବା ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ଉପସଭାପତି ମାନସ ମହାନ୍ତି, ସମ୍ପାଦକ ମହେଶ୍ୱର ଖଟୁଆ, ସହସମ୍ପାଦକ ପ୍ରହ୍ଲାଦ ପାତ୍ର, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଯୁଗ୍ମ କୋଷାଧ୍ୟକ୍ଷ କୁନିଲ ରାଉତ, ସଂଯୋଜକ ନିଶିକାନ୍ତ ଖଟୁଆ, ଉପଦେଷ୍ଟା ରଘୁନାଥ ଶତପଥୀ, ଅର୍ଜୁନ ଦାସ, ପ୍ରତାପ ଚନ୍ଦ୍ର ଦାସ, ରବିନାରାୟଣ ଦାସ, ବିଷ୍ଣୁଚରଣ ଓଝା, ପ୍ରମୋଦ ମଲ୍ଲିକ୍, ସଦସ୍ୟ ବିଭୂତି ପ୍ରସାଦ ଦାସ, କ୍ଷୀରୋଦ ଦଳାଇ, ରୁଦ୍ର ରଞ୍ଜନ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# କୁକୁଡ଼ା ଚାଷ ପାଇଁ ୫୧ ବେକାର ହିତାଧିକାରୀଙ୍କୁ ପ୍ରୋତ୍ସାହନ

**ଧର୍ମଶାଳା, ୧୭।୩ (ବଟକୃଷ୍ଣ ପରିଡ଼ା):**

କୁକୁଡ଼ା ଓ ଅଣ୍ଡା ପାଇଁ ଓଡ଼ିଶା ଆନ୍ଧ୍ର ଉପରେ ନିର୍ଭରଶୀଳ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୁକୁଡ଼ା ଚାଷପାଇଁ ସାଧାରଣବର୍ଗଙ୍କୁ ବ୍ୟୟ ଅଟକଳର ୫୦ ଭାଗ ଏବଂ ଏସ୍‌ସି, ଏସ୍‌ଟି ଓ ମହିଳା ପାଇଁ ୬୦ ଭାଗ ସବ୍‌ସିଡ ବ୍ୟବସ୍ଥା କରିଛନ୍ତି। ଧର୍ମଶାଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ବୟଲର୍ କୁକୁଡ଼ା ଚାଷ ପାଇଁ ୫୧ଜଣ ବେକାର ଯୁବତୀଯୁବକଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଫେବୃଆରୀ ୪ ତାରିଖ ସୁଦ୍ଧା ୨୮ ଜଣଙ୍କୁ ପ୍ରଥମ ଓ ୧୩ ଜଣଙ୍କୁ ୨ୟ କିସ୍ତିରେ ୫୬ ଲକ୍ଷ ୨୫ ହଜାର ଟଙ୍କା ସବ୍‌ସିଡ୍ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ବିଭାଗ ପକ୍ଷରୁ ଜମା କରାଯାଇଛି ବୋଲି ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲଲାଟେନ୍ଦୁ ଦାଶ ସୂଚନା ଦେଇଛନ୍ତି।

ଧର୍ମଶାଳା ବ୍ଲକ୍ ପାଇଁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ୪୮ ଜଣଙ୍କୁ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ କରିବା ପାଇଁ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଲକ୍ଷଧାର୍ଯ୍ୟଠାରୁ ଅଧିକ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି। ଋଣ ଆବେଦନ କରିଥିବା ଏହି ବ୍ଲକରେ ୩୩ଟି ପଂଚାୟତ ୫୧ଜଣଙ୍କ ଆବେଦନ ଗ୍ରହଣ କରାଯାଇଥିଲା। ଧର୍ମଶାଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ୫ଶହ କୁକୁଡ଼ା ଚାଷ ପାଇଁ ୧୧ଜଣ, ୧୫ଶହ କୁକୁଡ଼ା ଚାଷ ପାଇଁ ଜଣେ, ୨ହଜାର କୁକୁଡ଼ା ଚାଷ ପାଇଁ ୧୬ଜଣ, ୨୫ ଶହ କୁକୁଡ଼ା ଚାଷ ପାଇଁ ୨ ଜଣ ଓ ୩ ହଜାର କୁକୁଡ଼ା ଚାଷ ପାଇଁ ୨୧ ଜଣ ମୋଟ ୫୧ଜଣ ବେକାର ହିତାଧିକାରୀଙ୍କୁ ଋଣ ମଞ୍ଜୁର ହୋଇଛି। ବ୍ଲକରେ ୨୧ଜଣ ଚାଷୀଙ୍କୁ ୩ ହଜାର ବୟଲର କୁକୁଡ଼ା ଚାଷପାଇଁ ୧୦ ଲକ୍ଷ ୮୦ ହଜାର ଋଣ ମଞ୍ଜୁର କରାଯାଇଥିଲାବେଳେ ୨ଟି କିସ୍ତିରେ ୫ ଲକ୍ଷ ୪୦ ହଜାର ଓ ଏସ୍‌ସି, ଏସ୍‌ଟି ଓ ମହିଳା ପାଇଁ ୬ ଲକ୍ଷ ୪୮ ହଜାର ଟଙ୍କା ସବ୍‌ସିଡ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ୨ଜଣ ଚାଷୀ ୨୫ ଶହ କୁକୁଡ଼ା ଚାଷ ପାଇଁ ୯ ଲକ୍ଷ ଟଙ୍କା ଋଣ ମଞ୍ଜୁର କରାଯାଇଛି। ସେମାନଙ୍କୁ ୨ଟି କିସ୍ତିରେ ୪ ଲକ୍ଷ ୫୦ ହଜାର ଓ ଏସ୍‌ସି, ଏସ୍‌ଟି ଓ ମହିଳା ପାଇଁ ୫ ଲକ୍ଷ ୪୦ ହଜାର ଟଙ୍କା ସବ୍‌ସିଡ ବ୍ୟବସ୍ଥା ରହିଛି। ଗୋଟିଏ ବୟଲର କୁକୁଡ଼ା ଚାଷ ପାଇଁ ୩୬୦ ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବାବେଳେ ସାଧାରଣ ବର୍ଗ ପାଇଁ ୫୦ ଭାଗ ବା ୧୮୦ଟଙ୍କା, ଏସ୍‌ସି, ଏସ୍‌ଟି ଓ ମହିଳା ହିତାଧିକାରୀଙ୍କ ପାଇଁ ୬୦ ଭାଗ ୨୧୬ ଟଙ୍କା ସବ୍‌ସିଡର ବ୍ୟବସ୍ଥା ରହିଛି। ୫୧ଜଣ ହିତାଧିକାରୀଙ୍କ ମଧ୍ୟରେ ୩୦ ଜଣ ମହିଳା ଓ ୨୧ ଜଣ ପୁରୁଷ ବେକାର ହିତାଧିକାରୀ ଥିବା ସହ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସାଇ ସ୍ୱରୂପ ନନ୍ଦ ସୂଚନା ପ୍ରଦାନ କରିଛନ୍ତି।

# ଅଜଣା କାର୍ ଧକ୍କାରେ ଯୁବକ ଗୁରୁତର

**ବିଞ୍ଝାରପୁର, ୧୭।୩ (ରାମକୃଷ୍ଣ ଦାସ):**

ଯାଜପୁର-ସିଂହପୁର ମୁଖ୍ୟ ରାସ୍ତା ବିଞ୍ଝାରପୁର ବ୍ଲକ ଛକ ନିକଟରେ ମଙ୍ଗଳବାର ଏକ ଅଜଣା କାର ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଥରେଇ ପଞ୍ଚାୟତ ବରହମପୁର ଗ୍ରାମର କୃଷ୍ଣଚନ୍ଦ୍ର ଯେନାଙ୍କ ପୁଅ ପରମେଶ୍ୱର (୪୧)। ଖବର ମୁତାବକ ପରମେଶ୍ୱର ସିଂହପୁରସ୍ଥିତ ନିଜ ଶ୍ୱଶୁର ଘରୁ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ବ୍ଲକ ଛକ ନିକଟରେ ତାଙ୍କୁ ଏକ ଅଜଣା କାର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଧକ୍କା ପରେ କାରଟି ଘଟଣାସ୍ଥଳରୁ ଦ୍ରୁତଗତିରେ ପଳାଇ ଯାଇଥିଲା। ରାସ୍ତାରେ ଛିଟିକି ପଡିଥିବା ଗୁରୁତର ଆହତ ପରମେଶ୍ୱରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଖବରପାଇ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ପରମେଶ୍ୱରଙ୍କ ବାଇକ ଜବତ କରିବା ସହ ଅଜଣା କାର ସନ୍ଧାନ ପାଇଁ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ମାନଗୋବିନ୍ଦପୁର ପ୍ଲଟ୍ ବନ୍ଦ କର ନଚେତ୍ ଆମକୁ ବିସ୍ଥାପିତ କର

**କଳିଙ୍ଗନଗର, ୧୭।୩ (ଶୁଭାଶିଷ ରାଉତ)**

ସୁକିନ୍ଦାରୋଡ଼ ରେଲୱେ ପ୍ଲଟକୁ ଲାଗିକି ଥିବା ଦାନଗଦୀ ବ୍ଲକର ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ଗାଁର ନୀଳପଦା ସାହିବାସୀ ଦୀର୍ଘଦିନ ହେବ କ୍ଲିଙ୍କର ଧୂଳି ଗୁଣ୍ଡରେ ଅଣ ନିଃଶ୍ୱାସୀ ହେଲେଣି। ଫଳରେ ମାନଗୋବିନ୍ଦପୁର ପ୍ଲଟ୍ ବନ୍ଦ କର ନଚେତ୍ ଆମକୁ ବିସ୍ଥାପିତ କର ବୋଲି ନୀଳପଦା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦିନରାତି ରେଲୱେ ପ୍ଲଟରେ ସିମେଣ୍ଟ କମ୍ପାନୀମାନଙ୍କର କ୍ଲିଙ୍କର ଗୁଣ୍ଡ ଖଲାସୀ ଓ ପରିବହନ ହେବା ଫଳରେ ଖରାଦିନ ଥିବାରୁ ଧଳା ଗୁଣ୍ଡ ଏବଂ ଧୂଳି ଉଡି ଏହି ସାହିର ଘର ଭିତରେ, ଗଛପତ୍ର, କୂଅ, ପୋଖରୀ ପୁରା ଧଳା ରଙ୍ଗ ହୋଇ ଗଲାଣି। ଏହି ନୀଳପଦା ସାହିରେ ପ୍ରାୟ ୩୫ ପରିବାରଙ୍କର ପ୍ରଦୂଷଣ ଜନିତ ଦୁଃଖ ଅସହ୍ୟ ହେବାରେ ଲାଗିଛି। ଆଖିରେ ଏହି କ୍ଲିଙ୍କର ଗୁଣ୍ଡ ପଶି ଆଖି ପୋଡୁଛି। ଏ ନେଇ ନୀଳପଦା ସାହିର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଙ୍ଗଳବାର ରେଳପଥ ପ୍ଲଟକୁ ଯାଇ ଅନଲୋଡିଂ କାମ ବନ୍ଦ କରିଥିଲେ। ଷ୍ଟେଶନ ମାଷ୍ଟରଙ୍କ ସହ ଆଲୋଚନା କରି ୭ ଦିନ ଭିତରେ ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



ନୀଳପଦା ସାହିର ମହିଳାମାନେ ରେଳପଥ ପ୍ଲଟକୁ ଯାଇ ଅନ୍‌ଲୋଡିଂ କାମ ବନ୍ଦ କରୁଛନ୍ତି।

# ଚଣ୍ଡିଖୋଲ କୋର୍ଟ ଆଗରେ ପୁଣି ଖୋଲିଲା ହାଣ୍ଡିଆ ହାଟ

## ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ

**ବଡ଼ଚଣା, ୧୭।୩ (ଦିଲୀପ କୁମାର ମହାନ୍ତି)**



ଚଣ୍ଡିଖୋଲ କୋର୍ଟ ସମ୍ମୁଖ ଜାତୀୟ ରାଜପଥ ନଂ. ୫୩ ଉପର ଡିଭାଇଡରରେ ହାଣ୍ଡିଆହାଟ ଚାଲିଛି।

ଯାଜପୁର ଜିଲା ଚଣ୍ଡିଖୋଲ କୋର୍ଟ ସମ୍ମୁଖ ଜାତୀୟ ରାଜପଥ ନଂ. ୫୩ ଉପରେ ଦୀର୍ଘଦିନ ହେବ ବେଆଇନ ଭାବେ ଗଢ଼ି ଉଠିଥିବା ହାଣ୍ଡିଆ ହାଟକୁ ଯାଜପୁର ଅବକାରୀ ବିଭାଗ ପକ୍ଷରୁ କିଛିଦିନ ତଳେ ବନ୍ଦ କରି ଦିଆଯିବା ସହ ହାଟ ଚାଳିଆଗୁଡିକୁ ଭାଙ୍ଗି ଦିଆଯାଇଥିଲା। ଅବକାରୀ ବିଭାଗର ତାଗିଦ ପରେ ଏଠାରେ ୨ରୁ ୩ ଦିନ ହେବ ହାଣ୍ଡିଆ ବିକ୍ରି ବନ୍ଦ ମଧ୍ୟ ହୋଇଯାଇଥିଲା। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ନ ଦେବାରୁ ପୁଣି ଏହି ହାଣ୍ଡିଆ ହାଟ ଖୋଲି ଯାଇଛି। ଏମାନଙ୍କଠାରୁ କୁଆଡେ ପଞ୍ଚାୟତ ପ୍ରଶାସନ ମହାସୁଲ ଆଦାୟ କରୁଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ଗୋଟେ ପଟେ ଅବକାରୀ ବିଭାଗ ଏହାକୁ ଭାଙ୍ଗି ଦେଉଥିବା ବେଳେ ପଞ୍ଚାୟତ ପ୍ରଶାସନ ଏମାନଙ୍କଠାରୁ ମହାସୁଲ ଆଦାୟ କରି ପରୋକ୍ଷରେ ହାଣ୍ଡିଆ ହାଟକୁ ବସିବା ପ୍ରୋତ୍ସାହନ ଦେଉଛି। ଏମାନେ ଏକ ଏଭଳି ସ୍ଥାନରେ ବସି ହାଣ୍ଡିଆ ବିକ୍ରି କରୁଛନ୍ତି ଯେ, ଗୋଟେ ପଟେ ଚଣ୍ଡିଖୋଲ ବିଚାର ବିଭାଗୀୟ କୋର୍ଟ ଅନ୍ୟପଟେ ଜାତୀୟ ରାଜପଥ ଭଳି ବିପଦପୂର୍ଣ୍ଣ ସ୍ଥାନ, ମଝିରେ ଏମାନେ ବସି ହାଣ୍ଡିଆ ବିକ୍ରି କରୁଛନ୍ତି। ଯାହାକି ଏହି ସ୍ଥାନରେ ବହୁଥର ଦୁର୍ଘଟଣା ଘଟି ଧନ ଜୀବନ ହାନୀ ହେବାର ନଜିର ଅଛି। ପ୍ରତିଦିନ ଏହି ରାସ୍ତା ଦେଇ ଚଣ୍ଡିଖୋଲ କୋର୍ଟକୁ ଆଇନଜୀବୀମାନଙ୍କଠାରୁ ଆରମ୍ଭ କରି ବିଚାରପତି ଓ ବହୁ ପଦାଧିକାରୀମାନେ ଆସିଥାନ୍ତି। ଏହି ବାଟ ଦେଇ ପ୍ରତିଦିନ ସ୍କୁଲ କଲେଜକୁ ପିଲାମାନେ ମଧ୍ୟ ଯିବା ଆସିବା କରନ୍ତି। ରାସ୍ତା ଉପରେ ଏଭଳି ଖୁଲମ ଖୁଲା ନିଶା ବେପାର କରିବା ଦ୍ୱାରା ସମାଜ ପ୍ରତି ଏହାର କୁପ୍ରଭାବ ପଡିବ ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ପୋଲିସ୍, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

**ଡେରାବିଶ, ୧୭।୩(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସଦର ଥାନା ବସପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମର ରାସ୍ତା କଡ଼ରେ ଥିବା ଚାଖୁଣ୍ଡା ଗଛରୁ ମଙ୍ଗଳବାର ସକାଳୁ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ପୋଲିସ୍ ଜବତ କରିଛି। ମୃତକ ହେଲେ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଳିକ (୪୮)। ଗ୍ରାମବାସୀଙ୍କଠାରୁ ଖବର ପାଇ ସଦର ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ ପୋଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ମହେନ୍ଦ୍ରଙ୍କ ମୃତଦେହ ଜବତ କରିଥିଲେ । ପରେ ସାଇଣ୍ଟିଫିକ୍ ଟିମ୍‌ର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ମହେନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମଳିକ ଏ ସମ୍ପର୍କରେ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ତାଙ୍କ ବାପ ଘର ଦୁହୁରିଆଠାରେ ରହୁଥିବା ବେଳେ ଦିଅର ଅଖିଳ ମହେନ୍ଦ୍ରଙ୍କ ମୃତ୍ୟୁ ସମ୍ପର୍କରେ ଖବର ଦେଇଥିଲା। ଅନ୍ନପୂର୍ଣ୍ଣା ଘଟଣାସ୍ଥଳରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ କେହି ମାରିଦେଇଛି କିମ୍ବା ସେ ଆତ୍ମହତ୍ୟା କରିଛନ୍ତି ସେ ବିଷୟରେ ପୋଲିସ ତଦନ୍ତ କରିବାକୁ ଅଭିଯୋଗରେ ଦର୍ଶାଇଛନ୍ତି। ମୃତଦେହ ପୋଲିସ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ନଂ୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ସୂଚନା ଦେଇଛନ୍ତି।

### ବ୍ଲକ କ୍ୟାମ୍ପସ୍‌ରୁ ଆମ୍ବଗଛ କାଟିବା ଘଟଣା: ବିଡିଓଙ୍କୁ ବନ ବିଭାଗର ଚିଠି

**ରାଜନଗର, ୧୭।୩(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ କ୍ୟାମ୍ପସରେ ଥିବା ବିରାଟକାୟ ଫଳନ୍ତି ଆମ୍ବ ଗଛକୁ ବେଆଇନ ଭାବେ କାଟି ଦିଆଯିବା ଘଟଣାରେ ଆକ୍ସନ ମୋଡକୁ ଆସିଛି ବନବିଭାଗ । ଏ ନେଇ ମଙ୍ଗଳବାର ରେଞ୍ଜ ଅଫିସର ରାଜନଗର ବିଡିଓଙ୍କୁ ଚିଠି ଲେଖିଛନ୍ତି । କେଉଁ ପରିସ୍ଥିତି ଓ ବିନା ଅନୁମତିରେ କିଏ ଗଛ କାଟିଲା ସେ ନେଇ ତଦନ୍ତ କରି ଜଣାଇବାକୁ ଚିଠିରେ ଦର୍ଶାଯାଇଛି। ଚିଠିର ଉତ୍ତର ମିଳିବା ପରେ ବନ ବିଭାଗ ପକ୍ଷରୁ ମାମଲା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି। ନଂ. ୨୮୭/୧୬।୩।୨୬ରେ ଚିଠି କରାଯାଇଛି। ଚିଠିରେ ଆପଣଙ୍କ କାର୍ଯ୍ୟାଳୟ ପରିସରରେ ଗୋଟିଏ ଆମ୍ବ ଗଛ ବେଆଇନ ଭାବରେ କାଟି ଦିଆଯାଇଛି। ଫରେଷ୍ଟର ରାଜନଗର ଏବଂ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇଥିଲେ କିନ୍ତୁ ସରକାରୀ ଛୁଟି ଯୋଗୁ ସମସ୍ତ କାର୍ଯ୍ୟାଳୟ ବନ୍ଦ ଥିଲା। ଗଛ କଟା ସ୍ଥାନକୁ ଯାଇପାରିଲେ ନାହିଁ । ୧୬ ତାରିଖରେ ଫରେଷ୍ଟର, ଗାର୍ଡ ଓ ବନ କର୍ମଚାରୀମାନେ ପହଞ୍ଚି ଆପଣଙ୍କ କାର୍ଯ୍ୟାଳୟ ପରିସରରେ ୪'-୦" ଘନତା ବିଶିଷ୍ଟ ଗୋଟିଏ ଆମ୍ବ ଗଛ କଟାଯାଇଥିବା ଦେଖିଥିଲେ। ସେଠାରେ ଉପସ୍ଥିତ ଥିବା ଆପଣଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ କହିଥିଲେ ଯେ ସେମାନଙ୍କୁ ଆମ୍ବ ଗଛ କାଟିବା ବିଷୟରେ ଜଣା ନାହିଁ। ତେଣୁ ଆପଣଙ୍କୁ ଉପରୋକ୍ତ ବିଷୟରେ ତଦନ୍ତ କରି ଜଣାଇବାକୁ ଚିଠିରେ କୁହାଯିବା ସହିତ ବିଡିଓଙ୍କ ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା ସୂଚନା ଦେଇଛନ୍ତି।

# ଲାପ୍‌ଟପ୍ ନେଇ ନ ଫେରାଇବାରୁ ସାଙ୍ଗର ଆତ୍ମହତ୍ୟା

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

- ପୋଲିସ ମାମଲା ରୁଜୁ କରି ଚୁପ୍
- ନ୍ୟାୟ ନ ମିଳିଲେ ଥାନା ଆଗରେ ଧାରଣା ଚେତାବନୀ

**ରାଜକନିକା, ୧୭।୩ (ସଞ୍ଜୟ କୁମାର ଦାଶ)**

ରାଜକନିକା ଥାନା ବାଂଶରିଆ ଗାଁର କୃଷ୍ଣ ଚନ୍ଦ୍ର ନାୟକଙ୍କ ପୁଅ ସତ୍ୟଜିତ(୨୧)ଙ୍କଠାରୁ ତାଙ୍କ ସାଙ୍ଗ ଶୁଭମ୍ ରାଉତ ନେଇଥିବା ଲାପଟପ ନ ଫେରାଇ ହଇରାଣ କରିବା ସହ ମାନସିକ ଯନ୍ତ୍ରଣା ଦେବାରୁ ସେ ଆତ୍ମହତ୍ୟା କରିଥିଲେ । ହେଲେ ପୁଅର ସୁଇସାଇଡ୍ ନୋଟ ଓ ଅଡିଓ କ୍ଲିପ ପାଇବା ପରେ ସାଙ୍ଗ ଶୁଭମ୍ ଓ ତାଙ୍କ ପରିବାର ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ ବାପା କୃଷ୍ଣ ଚନ୍ଦ୍ର । ଘଟଣାକୁ ମାସେ ବିତିଯାଇଥିଲେ ବି ପୋଲିସ ମାମଲା ରୁଜୁ କରି ଚୁପ୍ ବସିଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ନ୍ୟାୟ ଲାଗି ଥାନାକୁ ଦୌଡ଼ି ନୟାନ୍ତ ହୋଇଛନ୍ତି ପୂରା ପରିବାର । ନ୍ୟାୟ ନ ମିଳିଲେ ଥାନା ଆଗରେ ଧାରଣା ଦେବାକୁ ମା' ବାପା ଚେତାବନୀ ଦେଇଛନ୍ତି।



ମୃତକ ସତ୍ୟଜିତ୍।

ଏତଲା ଅନୁଯାୟୀ, କୃଷ୍ଣଙ୍କ ପୁଅ ସତ୍ୟଜିତ ବିଜେବି କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ବାଣିଜ୍ୟ ବିଭାଗରେ ପଢୁଥିଲେ । ବାପା ଜଣେ ଚାଷୀ ହୋଇଥିବାରୁ ପୁଅକୁ ଦୁଃଖ କଷ୍ଟରେ ପାଠ ପଢ଼ାଉଥିଲେ । ପୁଅ ବି ଜଣେ ମେଧାବୀ ଛାତ୍ର ଥିଲା । ହେଲେ ସତ୍ୟ ତାଙ୍କର ଜଣେ ସାଙ୍ଗଠାରୁ ପରୀକ୍ଷା ଲାଗି ଏକ ଦାମୀ ଲାପଟପ ମାଗି ଆଣିଥିଲେ। ପରୀକ୍ଷା ପରେ ସତ୍ୟର ରାଜକନିକା ଗୋବିନ୍ଦପୁର ଗାଁର ଜଣେ ସାଙ୍ଗ ଶୁଭମ୍ ରାଉତ ଲାପ୍‌ଟପ୍ ମାଗି ନେଇଥିଲେ, ହେଲେ ୪୫ ଦିନ ବିତିଯାଇଥିଲେ ବି ଶୁଭମ୍ ଲାପଟପ ଫେରାଇ ନ ଥିଲେ। ମୃତକ ସତ୍ୟ ନିଜ ମା' ବାପାଙ୍କୁ ଏ ବିଷୟରେ ନ ଜଣାଇ ଶୁଭମ୍ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଶୁଭମ୍ କି ତାଙ୍କ ପରିବାର ଲୋକ କେହି ନ ଶୁଣିବାରୁ ଗତ ମାସ ୫ ତାରିଖରେ ନିଜ ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ । ପୁଅ ପକେଟରୁ ସୁଇସାଇଡ୍ ନୋଟ ଓ ମୋବାଇଲ ରେକର୍ଡିଂ ପାଇବା ପରେ ବାପ କୃଷ୍ଣଚନ୍ଦ୍ର ପୁଅକୁ ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ଗତ ମାସ ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ମାସେ ବିତିଯାଇଥିଲେ ବି ପୁଅକୁ ନ୍ୟାୟ ଦେବା ଲାଗି ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ପରିବାର । ନ୍ୟାୟ ନ ମିଳିଲେ ଥାନା ଆଗରେ ଧାରଣା ଦେବାକୁ କୃଷ୍ଣଚନ୍ଦ୍ର କହିଛନ୍ତି। ହେଲେ ପୋଲିସ ମାମଲା ରୁଜୁ କରି ଚୁପ୍ ବସିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଏ ସମ୍ପର୍କରେ ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲିକ କହିଛନ୍ତି, ମାମଲା ରୁଜୁ କରାଇଛି ଓ ଘଟଣାର ତଦନ୍ତ ଚାଲିଛି ।

# ଜାତୀୟ ରାଜପଥର ୧୦୦ ମିଟର କଂକ୍ରିଟ ରେଲିଂ ଧସିଲା



ଧସିଥିବା ଫିକସନ ରେଲିଂ ।

**କେନ୍ଦ୍ରାପଡ଼ା, ୧୭।୩(ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲା ମଧ୍ୟଦେଇ ଯାଇଥିବା ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ୫୩ ନମ୍ବରର ଉନ୍ନତିକରଣ କାମ ଚାଲିଛି। ଏହି ଜାତୀୟ ରାଜପଥର କେନ୍ଦ୍ରପଡା ସହର ନିକଟସ୍ଥ ଶାମସୁନ୍ଦରପୁର ପୋଲ ନିକଟସ୍ଥ ରାସ୍ତା ନିର୍ମାଣ ଶେଷ ହୋଇଥିବା ବେଳେ ୧୦୦ ମିଟରରୁ ଊର୍ଦ୍ଧ୍ୱ ଫିକ୍ସନ ରେଲିଂ ବା କଂକ୍ରିଟ ୱାଲ ୧୦ ଫୁଟ ତଳକୁ ସୋମବାର ବିଳମ୍ବିତ ରାତିରେ ଧସିଯାଇଛି। ପ୍ରାୟ ୨୦ ମିଟର ଚଉଡାର ଏହି ରାସ୍ତା ତଳକୁ ଖସି ପଡିଥିବା ବେଳେ ଯାନବାହନ ଅଥବା ଜୀବନହାନୀ ହୋଇନାହିଁ । ମାତ୍ର ଜାତୀୟ ରାଜପଥ ନିମ୍ନମାନର ହେଉଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ପ୍ରମାଣିତ ହୋଇଛି । ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସୂଚନା ଅନୁଯାୟୀ ଜାତୀୟ ରାଜପଥ ପ୍ରାଧିକରଣ ତତ୍ତ୍ୱାବଧାନରେ ଥିବା ଏହି ରାସ୍ତାର ଗୋଟିଏ ବର୍ଗ ମିଟର ନିର୍ମାଣ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି । ଏହାର ସ୍ଥାୟିତ୍ୱ ମାତ୍ର ଦୁଇମାସ ଯାଉ ନାହିଁ। ପୋଲ ନିକଟରେ ଥିବା ଏହି ରାସ୍ତାର କାର୍ଯ୍ୟ ସମୟରେ ଚୁକ୍ତି ମୁତାବକ କାର୍ଯ୍ୟ ହେଉ ନ ଥିବା ଦର୍ଶାଇ ଜିଲାପାଳଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦିଆଯାଇଛି । ରାସ୍ତା ନିର୍ମାଣର ତ୍ରୁଟି ପାଇଁ ଫିକସନ ରେଲିଂ ଭାଙ୍ଗିଥିବା ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ସାଇଟ ଇନ୍‌ଚାର୍ଜ ଇଂ ଦୀପକ ସେନ କହିଛନ୍ତି, ଫିକ୍ସନ ରେଲିଂ ଭୁଶୁଡିବା ସମ୍ପର୍କରେ ବୈଷୟିକ ଟିମ ଯାଞ୍ଚ କରିବାପରେ କାରଣ ଜଣାପଡିବ ।

# ଇନ୍ଦୁପୁର ବାରୁଣୀ ଯାତ୍ରାରେ ୫୦ ହଜାର ଶ୍ରଦ୍ଧାଳୁ

**ଡେରାବିଶ, ୧୭।୩(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବିରୂପା, କେଲୁଅ ଓ ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳରେ ସୋମବାର ରାତି ୪ଟାରୁ ଏହି ସ୍ନାନ ଅନୁଷ୍ଠିତ ହୋଇଥିଲା । ଜିଲା ସମେତ ବାହାର ଜିଲାର ଶ୍ରଦ୍ଧାଳୁମାନେ ଇନ୍ଦୁପୁର ଘାଟରେ ବୁଡ ପକାଇଥିଲେ। ସକାଳ ୭ଟା ସୁଦ୍ଧା ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଘାଟରେ ନିଜର ମାନସିକ ପୂରଣ ପାଇଁ ବୁଡ ପକାଇଥିଲେ। ଏଥିସହିତ ବିବାହିତ ନବବଧୂଙ୍କ ବିବାହ ମୁକୁଟ, ପାଞ୍ଜି, ବଉଳପାଟ ସହ ବିବାହ ବେଦୀର ସମସ୍ତ ଉପକରଣ ନଦୀରେ ବିସର୍ଜନ ଓ ଘାଟକୂଳରେ ଥିବା ଭିକ୍ଷୁକଙ୍କୁ ଅରୁଆ ଚାଉଳ, ବିରି ଓ ଅର୍ଥ ଦେବା ପାଇଁ ଏକ ଲମ୍ବା ଧାଡି ଲାଗି ଥିଲା। ନଦୀର ଘାଟରେ ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ କରି ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ମହିଳା ଓ ପୁରୁଷଙ୍କ ପାଇଁ ପୃଥକ ପାହାଚ ନିର୍ମାଣ କରାଯାଇଛି। ବହୁ ପୁରାତନ ପୌରାଣିକ ଓ ଐତିହାସିକ କଥାବସ୍ତୁକୁ ଆଧାର କରି



ଶ୍ରଦ୍ଧାଳୁମାନେ ବାରୁଣୀ ସ୍ନାନ କରୁଛନ୍ତି।

ବ୍ରାହ୍ମଣୀ, ବିରୂପା ଓ କେଲୁଅ ନଦୀର ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ଏହି ବାରୁଣୀ ଯାତ୍ରା କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଯାତ୍ରା ଭାବେ ପ୍ରତିଷ୍ଠା ଅର୍ଜନ କରିଛି। ଘାଟରେ ବୁଡ ପକାଇ ଶ୍ରଦ୍ଧାଳୁମାନେ ବିରୂପା ନଦୀର କୂଳରେ ଥିବା ମା' ଚଣ୍ଡୀଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ସାତଦିନ ଧରି ହେବାକୁ ଥିବା ଏହି ବାରୁଣୀ ଯାତ୍ରା ଆସନ୍ତା ସୋମବାର ଉଦ୍‌ଯାପିତ ହେବ। ଏହି ବାରୁଣୀ ଯାତ୍ରାରେ ଜିଲା ଓ ବାହାରୁ ବ୍ୟବସାୟୀମାନେ ଗୃହ ଉପକରଣ ସହ ବିଭିନ୍ନ ପ୍ରକାର ଦୋକାନ ମେଲାଇ ଦେଇଛନ୍ତି। ମା' ଚଣ୍ଡୀଦେବୀଙ୍କ ସମ୍ମୁଖରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ବାରୁଣୀ ଘାଟରେ ଅନୁଷ୍ଠିତ ନାମଯଜ୍ଞ ପରିବେଶକୁ ଭକ୍ତିମୟ କରିଛି। ଚଳିତ ବର୍ଷ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଥିବା ସହ ନିକିରେଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ୍ ଫୋର୍ସ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ମୁତୟନ କରାଯାଇଛି ।

### ଖଲାରେଶ୍ୱରଙ୍କ ପୀଠରେ ବାରୁଣୀ ଯାତ୍ରା

**ଡେରାବିଶ, ୧୭।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଜଆଁରାବାରୀମୂଳ ପଞ୍ଚାୟତ ଲୁଣାନଦୀ ତଟସ୍ଥ ଖଲାରେଶ୍ୱରଙ୍କ ପୀଠରେ ବାରୁଣୀ ଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ଖଲାରେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଖଲାରେଶ୍ୱର ଓ ମା' ଛିନ୍ନମସ୍ତାଙ୍କୁ ଦର୍ଶନ କରିବା ସହିତ ନଦୀରେ ବୁଡ ପକାଇଥିଲେ। ବହୁଶ୍ରଦ୍ଧାଳୁ ବିବାହ ମୁକୁଟ ଓ ପୂଜା ସରଞ୍ଜାମ ବିସର୍ଜନ କରି ପୂଜାର୍ଚ୍ଚନା କରିଥିଲେ। ଯାତ୍ରା ନିମନ୍ତେ ପୀଠରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହିତ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଚାନ୍ଦୋଳ ଫାଣ୍ଡି ପକ୍ଷରୁ ପୋଲିସ ମୁତୟନ କରାଯାଇଛି। ବୁଧବାର ଅଷ୍ଟ ପ୍ରହର ନାମଯଜ୍ଞ ହେବାକୁ ଥିବା ବେଳେ ୩ଦିନ ଧରି ନାଟ୍ୟ ମହୋତ୍ସବ ହେବ । ପୀଠ ତତ୍ତ୍ୱାବଧାରକ ବ୍ରଜବନ୍ଧୁ ଶତପଥୀଙ୍କ ସମେତ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ରଶ୍ମିରଞ୍ଜନ ମହାନ୍ତି, ନିଳାଦ୍ରୀ ମହାନ୍ତି, ବିନୟ ମହାନ୍ତି, ସୌମ୍ୟରଞ୍ଜନ ଦାସଙ୍କ ସମେତ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ପ୍ରସୂତି ସହାୟତା ନାଁରେ ୧୮ ହଜାର ସାଇବର ଠକେଇ

**ଆଶାକର୍ମୀଙ୍କ ହାତଥିବା ଅଭିଯୋଗ**

**ପଟ୍ଟାମୁଣ୍ଡାଇ, ୧୭।୩ (କଳ୍ପତରୁ ନାୟକ)**

ଡିଜିଟାଲ୍ ଯୁଗରେ ଅନ୍‌ଲାଇନ୍‌କୁ ବହୁଳ ବ୍ୟବହାର କରାଯାଉଛି । କିନ୍ତୁ ଆବଶ୍ୟକ ସଚେତନତା ଓ ସତର୍କତା ଅଭାବରୁ ସାଇବର ସାଧାରଣ ଲୋକେ ଠକେଇର ଶିକାର ହୋଉଛନ୍ତି। ସାଇବର ଅପରାଧିମାନେ ଜାଲ ବିଛାଇ ରଖିଥିବା ବେଳେ ସୁଯୋଗ ପାଇଲେ ସବୁ ଟଙ୍କା ଆକାଉଣ୍ଟରୁ ଖାଲି କରିଦେଉଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସରକାର ସାଇବର ଅପରାଧଙ୍କୁ ରୋକ୍ ଲଗାଇବାରେ ବିଫଳ ହୋଇଥିବା ବେଳେ ସୋମବାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଳଭଦ୍ରପୁର ଗ୍ରାମର ଜଣେ ପ୍ରସୂତି ସାଇବାର ଠକେଇର ଶିକାର ହୋଇଛନ୍ତି। ଠକ ଆଶା କର୍ମୀଙ୍କୁ ମାଧ୍ୟମ କରି ୧୮, ୪୦୦ ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି ।

ବଳଭଦ୍ରପୁର ଗ୍ରାମର ମିନତୀ ଦାସ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ । ମାତ୍ର ୩ଦିନ ପରେ ଜଣେ ବ୍ୟକ୍ତି ସ୍ଥାନୀୟ ଆଶାକର୍ମୀଙ୍କୁ ହାତ କରି କନ୍‌ଫରେନ୍ସ କଲ କରିଥିଲେ । ଅଙ୍ଗନୱାଡି ଅଫିସରୁ କଲ କରିଥିବା କହି ସମସ୍ତ ତଥ୍ୟ ଦେଲେ ପ୍ରସୂତି ଟଙ୍କା ୯ ୬୦୦ ଆକାଉଣ୍ଟକୁ ଯିବ ବୋଲି କହିଥିଲେ । ଏଥିରେ ଆଶାକର୍ମୀ ଜଣଙ୍କ ସେ କଥାରେ ପ୍ରୋତ୍ସାହିତ କରିବାରୁ ସେ ତାଙ୍କୁ ସମସ୍ତ ତଥ୍ୟ ଭିଡିଓ କଲରେ ଜଣାଇଥିଲେ । ତାଙ୍କ ନିକଟରୁ ସମସ୍ତ ତଥ୍ୟ ସଂଗ୍ରହ କରିବାର କିଛି ସମୟ ମଧ୍ୟରେ ଆକାଉଣ୍ଟରୁ ୧୮୪୦୦ ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ବ୍ୟାଙ୍କରୁ ସମସ୍ତ ଷ୍ଟେଟମେଣ୍ଟ ବାହର କରିଥିବା ବେଳେ ସାଇବର ହେଲପ୍ ଲାଇନକୁ କଲ କରି ଜଣାଇଛନ୍ତି ବୋଲି ମିନତୀଙ୍କ ସ୍ୱାମୀ ଶ୍ରୀକାନ୍ତ ଦାସ କହଛନ୍ତି। ଏହି ଘଟଣାରେ ଆଶାଦିଦିଙ୍କର ହାତ ଥିବା ଅଭିଯୋଗ ଉଠାଇଥିବା ବେଳେ ଏହିଭଳି ଘଟଣା ଘଟିବା ଜାଣିମଧ ଆଶାଦିଦି ଅନ୍ୟ ପ୍ରସୂତି ଜଣଙ୍କ ନମ୍ବର ଦେବା ଏବଂ ତାଙ୍କ ଆକାଉଣ୍ଟରୁ ୩ହଜାର ଠକେଇ ହୋଇଥିବା ମଧ କହିଥିଲେ । ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରାଯାଇଛି। ନଂ. ୧୪୭/୨୬ରେ ମାମଲା ରୁଜୁ ହୋଇଛି।

# ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୧୭।୩(କଳ୍ପତରୁ ନାୟକ)**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌର ପ୍ରେକ୍ଷାଳୟଠାରେ ମଙ୍ଗଳବାର ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫ୍‌ଏଲ୍‌ଏଫ୍‌ଏଲ୍‌ଇ) ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଯୋଗଦେଇ ଆର୍ଥିକ ଯୋଜନା, ସଞ୍ଚୟ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ନେବା, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା, ପେନ୍‌ସନ ଓ ଶିକ୍ଷାଋଣ ଆଦି ଉପରେ ଲୋକମାନଙ୍କୁ ଆର୍ଥିକ ବାର୍ତ୍ତା ଦେବା ସହ ସାଧାରଣ ଜନତାଙ୍କ ପାଇଁ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ବ୍ୟାଙ୍କ ଖାତାର ପୁନଃ କେୱାଇସି ଏବଂ ଦାବିହୀନ ଜମାରାଶିକୁ ପୁନଃ ପ୍ରାପ୍ତ କରିବାର ପ୍ରଣାଳୀ ଏବଂ ସର୍ବଭାରତୀୟସ୍ତରରେ ତଥା ଭୁବନେଶ୍ୱର କାର୍ଯ୍ୟାଳୟ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗରେ କରାଯାଇଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଉପସ୍ଥିତ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକଙ୍କ ଭଳି ବିଭିନ୍ନ ବର୍ଗର ଜନସାଧାରଣ ସଚେତନ କରିଥିଲେ। ମାତ୍ର ଏହି କାର୍ଯ୍ୟକ୍ରମରେ ଅଞ୍ଚଳର କୌଣସି ଖବରଦାତାଙ୍କୁ ଖବର ଦିଆଯାଇନଥିଲା। ଏଣୁ ଏଠାରେ ଅନୁଷ୍ଠିତ ପ୍ରଶ୍ନ-ଉତ୍ତର କାର୍ଯ୍ୟକ୍ରମରେ କେତେକ ପ୍ରଶ୍ନ ନ ଥିଲା ନା ଉତ୍ତର ଦିଆଯାଇନଥିବା ଉପସ୍ଥିତ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କେହି କିଛି ଜାଣି ପାରିନଥିବା କହିଛନ୍ତି। ଏହି ଉତ୍ସବରେ ଆର୍‌ବିଆଇ କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତି, ମହାପ୍ରବନ୍ଧକ ଅନିତା ପଟ୍ଟନାୟକଙ୍କ ସମେତ ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ, ଏସ୍‌ଏଲ୍‌ବିସି ଓଡ଼ିଶା ଆବାହକ ତଥା ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର, ଏସ୍‌ବିଆଇ ଉପମହାପ୍ରବନ୍ଧକ ପ୍ରଭାତ କୁମାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରପଡ଼ା ଜିଲା ଏଲ୍‌ଡିଏମ୍, ନାବାର୍ଡ ଡିଡିଏମ୍ ଏବଂ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ମଧ ଉପସ୍ଥିତ ଥିଲେ ।

# ଶିକ୍ଷାଦାନ ସାମଗ୍ରୀ କର୍ମଶାଳା

**କେନ୍ଦ୍ରାପଡ଼ା, ୧୭।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ବ୍ଲକ ବଗଡା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଅଯୋଦ୍ଧାନଗର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କର୍ମଶାଳା ସୋମବାର ଓ ମଙ୍ଗଳବାର ଆୟୋଜିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ କବିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଶିକ୍ଷାଦାନ ସମୟରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଓ ଉପଯୋଗିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଚ୍ୟୁତାନନ୍ଦ ସାମଲ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ରାଉତରାୟ ସମ୍ମାନିତ ଆଲୋଚକ ଭାବେ ଯୋଗଦେଇଥିଲେ । ଆଲୋଚକମାନେ ଦର୍ଶାଇଥିଲେ, ଶିଶୁ ଶିକ୍ଷାର୍ଥୀଙ୍କ ମନ ସର୍ବଦା ଚଳଚଞ୍ଚଳ । ଜିଜ୍ଞାସା ଥିଲେ ମଧ୍ୟ ଅନୁଭବ ନ ଥିବାରୁ କୌଣସି ଶିକ୍ଷଣୀୟ କଥାକୁ ସହଜରେ ମନେ ରଖିପାରନ୍ତି ନାହିଁ । ତେବେ ଶିକ୍ଷଣୀୟ ସାମଗ୍ରୀ ବ୍ୟବହାରରେ ଏହାର ଛାପ ଦୀର୍ଘ ସମୟ ପାଇଁ ଶିକ୍ଷାର୍ଥୀଙ୍କ ମନରେ ରହିଥାଏ। ଏହି କର୍ମଶାଳାରେ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ୧୬ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ ।



ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ନିକଟରେ ବହିଯାଇଥିବା ଗୋବରୀ ନଦୀରେ ଶ୍ରଦ୍ଧାଳୁମାନେ ବାରୁଣୀ ସ୍ନାନ କରୁଛନ୍ତି ।

# ପଞ୍ଚୁପାଣ୍ଡବ ବାରୁଣୀ ସ୍ନାନ

**ଡେରାବିଶ, ୧୭।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ପ୍ରସିଦ୍ଧ ଧର୍ମପୀଠ ପଞ୍ଚୁପାଣ୍ଡବ ମନ୍ଦିର ନିକଟରେ ବହିଯାଇଥିବା ଗୋବରୀ ନଦୀର ତୀର୍ଥ କୂଳରେ ହଜାର ହଜାର ଶ୍ରଦ୍ଧାଳୁ ମଙ୍ଗଳବାର ବାରୁଣୀ ସ୍ନାନ କରିଛନ୍ତି । ଏଥିସହିତ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଦ୍ୱାରା ତୀର୍ଥ କୂଳରୁ ମନ୍ଦିର ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ଭିକ୍ଷୁକଙ୍କ ଦ୍ୱାରା ପଡ଼ିଥିବା ଚାଦରରେ ଚାଉଳ, ବିରି, ମୁଗ ସହ ଅର୍ଥ ପକାଇବା ଏକ ସ୍ୱତନ୍ତ୍ର ପରମ୍ପରା ଦେଖିବାକୁ ମିଳିଥିଲା । ଏହି ବାରୁଣୀ ଯାତ୍ରା ସହ ମହାଭାରତ ସମୟର କଥାବସ୍ତୁ ଜଡ଼ିତ ଅଛି । ଜନଶ୍ରୁତି ଅନୁଯାୟୀ ଦ୍ୱାପର ଯୁଗରେ ଅଜ୍ଞାତବାସ ସମୟରେ ପାଣ୍ଡବ ୫ ଭାଇ, ମାତା କୁନ୍ତି, ପତ୍ନୀ ଦ୍ରୌପଦୀଙ୍କ ସମେତ ଭଗବାନ ଶ୍ରୀକୃଷ୍ଣ ଡେରାଡିହଠାରେ ଅବସ୍ଥାନ କରିଥିଲେ । ସେହି ସମୟରେ ଗୋବରୀ ନଦୀର ତୀର୍ଥ କୂଳରେ ବାରୁଣୀ ସ୍ନାନର ସମ୍ପର୍କ ରହିଛି । ସେଥିପାଇଁ ଡେରାଡିହଠାରେ ପାଣ୍ଡବ ୫ ଭାଇ, ମାତା କୁନ୍ତି, ପତ୍ନୀ ଦ୍ରୌପଦୀଙ୍କ ସମେତ ରାଧାକୃଷ୍ଣ ଓ ରାମେଶ୍ୱରଙ୍କ ମନ୍ଦିର ରହିଥିବାରୁ ଏହା ଏକ ଧର୍ମପୀଠରେ ପରିଣତ ହୋଇଛି । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବାରୁଣୀ ଯାତ୍ରାରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ସେହିପରି ବ୍ଲକ ଅଧୀନ ଯଆଁରା ବାରିମୂଳ ପଞ୍ଚାୟତ ଲୁଣାନଦୀର ଅର୍ଡାମୂଳଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଖିଲାରେଶ୍ୱରଙ୍କ ମନ୍ଦିର ନିକଟରେ ନଦୀଘାଟରେ ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇ ଖିଲାରେଶ୍ୱର ଓ ମା' ଛିନ୍ନମସ୍ତାଙ୍କୁ ଦର୍ଶନ କରିଛନ୍ତି ।

# ବରୁଣେଇ ମୁହାଣ ମହୋଦଧି ତଣ୍ଡା କୂଳରେ ବାରୁଣୀ ସ୍ନାନ

**ମହାକାଳପଡ଼ା, ୧୭।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଫିସ ସଂଲଗ୍ନ ନରସିଂହପୁର ମୌଜାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା' ଅଲେଖି ସୁନ୍ଦରୀ ପୀଠଠାରେ ମହାବାରୁଣୀ ମେଳା ଓ ମହୋଦଧି ତଟରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମଙ୍ଗଳବାର ବୁଡ଼ ପକାଇଥିଲେ। ଏହି ବାରୁଣୀ ମେଳା ଅମାବାସ୍ୟା ଦିନ ମା'ଙ୍କ ଦର୍ଶନ ଲାଭ କରିବା ପରେ ମହୋଦଧିରେ ବୁଡ଼ ପକାଇଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ଜନଶ୍ରୁତିରୁ ଶୁଣିବାକୁ ମିଳେ। ଅପରପକ୍ଷରେ ପବିତ୍ର ବାରୁଣୀ ଅମାବାସ୍ୟାରେ ବରୁଣାଇ ମୁହାଣ ଅନତି ଦୂର ତଣ୍ଡା ବିଶାଳ ବାଲୁକା ବେଳାଭୂମିର ଲୁଣା ହେନ୍ତାଳ ଝାଉଁ ବଣ ଖୁବ୍ ମନଲୋଭା ସ୍ଥାନ। ଏଠାରେ ଓଡ଼ିଶା ମାନଚିତ୍ରରେ ବିଶେଷ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ। ପ୍ରଶାସନର ଅବହେଳା ଯୋଗୁ ପର୍ଯ୍ୟଟକ କ୍ଷେତ୍ର ଭାବେ ବଞ୍ଚିତ ହେଉଥିବା ସ୍ଥାନୀୟ ଶ୍ରଦ୍ଧାଳୁମାନେ କହିଛନ୍ତି। କିମ୍ବଦନ୍ତୀ ଅନୁସାରେ ଦିନ ଥିଲା ଏହି ସମୁଦ୍ର କୂଳ ଚମ୍ପାଗଡ ରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ଅଲେଖ ସୁନ୍ଦରୀ ନାହାକାଣି ରୂପେ ପରିଚିତ। ସମୟ ବଦଳିବା ସାଙ୍ଗକୁ ସମୁଦ୍ର ଗର୍ଭରେ ରାଜ୍ୟ ଲୀନ ହୋଇଯାଇଛି। ସାମୁଦ୍ରିକ ଝଡ଼ ବାତ୍ୟା, ସୁନାମି ଭୂକମ୍ପ ପ୍ରବଣ ଅଞ୍ଚଳକୁ ରକ୍ଷା କରୁଥିଲେ ମା' ଅଲେଖ ସୁନ୍ଦରୀ। ସେବେଠାରୁ ମା'ଙ୍କ ପୀଠରେ ପ୍ରତିବର୍ଷ ଏହି ବାରୁଣୀ ଅମାବାସ୍ୟା ଦିନ ମହୋଦଧିରେ ବୁଡ଼ ପକାଇଲେ ମା'ଙ୍କ ସାନିଧ ମିଳେ। ମା'ଙ୍କର ମୁଖ୍ୟ ଆମିଷ ନୈବେଦ୍ୟ ଅନ୍ନ ପ୍ରସାଦ ଅର୍ପଣ କରାଯାଏ। ବିଶେଷ କରି ରାଜନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମହାକାଳପଡା, ପାରାଦୀପ, ଚାନ୍ଦବାଲି, ଭଦ୍ରକ,ବାଲେଶ୍ୱର ଓ କୋଲକାତା ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଆଗମନ ହୋଇଥନ୍ତି। ଯାତ୍ରା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ବୋଲି ଆୟୋଜକ କହିଛନ୍ତି। ସୁରକ୍ଷା ବ୍ୟବସ୍ଥା ପାଇଁ ତନ୍ତିଆପାଳ ସାମୁଦ୍ରିକ ଥାନା ପକ୍ଷରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେହିପରି ତଣ୍ଡା ମହୋଦଧି କୂଳରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବନ ବିଭାଗ କର୍ମଚାରୀମାନେ କଡ଼ାକଡ଼ି ନଜର ରଖିବା ପାଇଁ ରେଞ୍ଜର କପିଳେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



ମା' ଅଲେଖ ସୁନ୍ଦରୀ ପୀଠରେ ବାରୁଣୀ ମେଳା, ମହୋଦଧିରେ ଶ୍ରଦ୍ଧାଳୁମାନଙ୍କ ବୁଡ଼।

# ଅନ୍‌ଲାଇନ ଆବେଦନର ବର୍ଷେ ବିତିଲାଣି, ବିଦ୍ୟୁତ୍ ନାହିଁ





- ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର କାମରେ ଲାଗୁନି
- ୩୩ ପରିବାରକୁ ଡିବିରୀ ଭରସା

ଦାରିଙ୍ଗବାଡି, ୧୭।୩ (ଅରୁଣ ସାହୁ )

ଗାଁରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଛି, ବିଦ୍ୟୁତ୍ ସଂଯୋଗ ରହିଛି ମାତ୍ର ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସେବା ମିଳୁନି। ଟ୍ରାନ୍ସଫର୍ମରଠାରୁ ଘର ପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ପାଇଁ ସର୍ଭିସ ତାର ଯାଇ ନଥିବାରୁ ବିଦ୍ୟୁତ୍ ଜଳୁନି। କନ୍ଧମାଳ ଜିଲା ଦାରିଙ୍ଗବା ବ୍ଲକର ଦୁର୍ଗମ ସିର୍କାବର୍ଗ ପଞ୍ଚାୟତ ଅଧୀନ ଶ୍ରାକିପାଙ୍ଗା ଗ୍ରାମରେ ଏପରି ଦେଖିବାକୁ ମିଳିଛି। ବିଦ୍ୟୁତ୍ ନ ଥିବା ହେତୁ ଲୋକଙ୍କୁ ବହୁ କଷ୍ଟ ସହିବାକୁ ପଡୁଛି।ଏହି ଗ୍ରାମରେ ମୋଟ ୩୩ ପରିବାର ବାସ କରନ୍ତି। ଗ୍ରାମରେ ୨୪ ପରିବାର ଏବଂ ପାହାଡ଼ ଉପରେ ୯ଟି ପରିବାର ରହୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ଦୀର୍ଘ ବର୍ଷ ଧରି ଅନ୍ଧାରରେ ରହିଛି ଶ୍ରାକିପାଙ୍ଗା ଗ୍ରାମ। ସରକାର କୌଣସି ଗ୍ରାମ ଆଉ ଅନ୍ଧାରରେ ରହିବ ନାହିଁ ବୋଲି ଘୋଷଣା କରିବା ପରେ ଶ୍ରାକିପାଙ୍ଗା ଗ୍ରାମବାସୀ ଖୁସି ହୋଇଥିଲେ। ଗ୍ରାମକୁ ବିଦ୍ୟୁତ୍ ଆଣିବାକୁ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ଠିକାସଂସ୍ଥାକୁ ସାହାଯ୍ୟ କରିଥିଲେ। ନିଜ ଖର୍ଚ୍ଚରେ ବିଦ୍ୟୁତ୍ ଖୁଣ୍ଟଗୁଡିକୁ ଟ୍ରାକ୍ଟର ଯୋଗେ ଆଣି ନିଜେ ଗାତ ଖୋଳି ଖୁଣ୍ଟ ପୋତି ଦେଇଥିଲେ। ପରେ ବିଦ୍ୟୁତ୍ ସଂଯୋଗ ପାଇଁ ୨୪ ପରିବାର ଅନ୍‌ଲାଇନ ମାଧ୍ୟମରେ ଘର ପିଛା ୨୫ଶହ ଟଙ୍କା ଲେଖାଏ ବିଦ୍ୟୁତ୍ କାର୍ଯ୍ୟାଳୟରେ ଜମା କରିଥିଲେ। ଏହାକୁ ଏବେ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗାଁକୁ ବିଦ୍ୟୁତ୍ ଆସିନାହିଁ ବୋଲି ଗ୍ରାମର ଜିସାୟ ପ୍ରଧାନ, ରମାକାନ୍ତି ପ୍ରଧାନ, ସରୋଜିନୀ ପ୍ରଧାନଙ୍କ ସହ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏନେଇ ଦାରିଙ୍ଗବାଡି ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକଙ୍କୁ ପଚାରିବାରୁ ସେ କହିଲେ, ତାଙ୍କ ଡକ୍ୟୁମେଣ୍ଟରେ କିଛି ସମସ୍ୟା ରହିଥିବ, ତାକୁ ପୁନଃ ନିଜ ଷ୍ଟାଟସକୁ ଅନ୍‌ଲାଇନରେ ଯାଞ୍ଚ କରାନ୍ତୁ ବୋଲି କହିଥିଲେ। ତେବେ ହିତାଧିକାରୀ ବର୍ଷେ ପୂର୍ବରୁ ଅର୍ଥ ଡିପୋଜିଟ କରିବା ପରେ ତାକୁ ବିଭାଗ ସେ ସମୟରେ ତଦାରଖ ନ କରି ଏବେ ଗ୍ରାମବାସୀଙ୍କୁ ତଦାରଖ ଆଳରେ ନିଜ ଦୋଷ ଖସାଇ ଦେବାକୁ ଉଦ୍ୟମ କରୁଛି ବୋଲି ଗ୍ରାମବାସୀ ପ୍ରକାଶ କରି ଶୀଘ୍ର ସେମାନଙ୍କ ଘରେ ବିଦ୍ୟୁତ୍ ସଂଯୋଗ ଲାଗି ଦାବି କରିଛନ୍ତି। ଶୀଘ୍ର ବିଦ୍ୟୁତ୍ ସଂଯୋଗ ନ ଦେଲେ ଏଣିକି ରାସ୍ତାକୁ ଓହ୍ଲାଇବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଗ୍ରାମ ପାଇଁ ଗୋଟିଏ ସୋଲାର ପମ୍ପ ରହିଛି। ଅଧିକ ସୋଲାର ପମ୍ପ ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣା, ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି, ୧୭।୩(ଅଶେଷ ନାଥ ମିଶ୍ର): ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଦିଗପହଣ୍ଡି ବ୍ଲକ କରପଡ଼ା ଗ୍ରାମର ବୁଦ୍ଧୁ ବେହେରାଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ମାମଲା ନଂ.୧୧୩/୨୬ ଭାରତୀୟ ନ୍ୟାୟ ସଂହିତାର ଧାରା-୮୫/୨୯୬/୧୧୫(୨)/୧୧୭(୨)/୩୫୧(୨)/୧୦୯ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ବୁଦ୍ଧୁଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ଶୁକ୍ରବାର ମଧ୍ୟାହ୍ନରେ ସୁଶୀଳା ବେହେରା ବାରିପଟେ ବାସନ ଧୋଉଥିବା ବେଳେ ସ୍ୱାମୀ ବୁଦ୍ଧୁ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ମାଡ଼ମାରି ତଳେ ପକାଇ ତଣ୍ଟି ଚିପିଦେବାକୁ ଉଦ୍ୟମ କରିଥିଲେ। ପରେ ତାଙ୍କୁ ଶାବଳ ଭୁଷି ଦେବାକୁ ଉଦ୍ୟମ କରିଥିଲେ। ବଡ଼ପୁଅ ଛଡ଼ାଇବାକୁ ଉଦ୍ୟମ କରିବାରୁ ତାଙ୍କୁ ମଧ୍ୟ ମାରିଦେବାକୁ ଧମକ ଦେଇଥିଲେ। ଘଟଣାର ପରଦିନ ସୁଶୀଳା ଏ ନେଇ ଥାନାରେ ଏତଲା ଦେଇଥିଲେ।

### ସେବତୀ ବେଶରେ ଦର୍ଶନ ଦେଲେ ମା' ପାଟଖଣ୍ଡା

ବାଲିଗୁଡା, ୧୭।୩(ସଞ୍ଜୟ କୁମାର ପାଣିଗ୍ରାହୀ)
କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାର ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦ୍ୱିତୀୟ ମଙ୍ଗଳବାରରେ ମା' ପାଟଖଣ୍ଡା ସେବତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। କନ୍ଧମାଳ ଜିଲା ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଦର୍ଶନ କରିଥିଲେ। ପ୍ରତ୍ୟୁଷରୁ ମା'ଙ୍କ ରୀତିନୀତି ଓ ପୂଜାର୍ଚ୍ଚନା ପରେ ମା' ଦୁର୍ଲଭ ସେବତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ଏହି ବେଶ ଦେଖିବା ପାଇଁ ପ୍ରତ୍ୟୁଷରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସମସ୍ତେ ଶୃଙ୍ଖଳିତ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏହି ଯାତ୍ରା ଅବସରରେ ଅନେକ ଶ୍ରଦ୍ଧାଳୁ ସେମାନଙ୍କ ଛୁଆମାନଙ୍କୁ ଚୁଟି ମୁଣ୍ଡନ କରିଥିବା ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସାଦ ସହ ପଣା ବଣ୍ଟନ ବ୍ୟବସ୍ଥା ହୋଇଥିଲା। କମିଟିର ସମସ୍ତ ସଦସ୍ୟ, ପୂଜକ ମା'ଙ୍କ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା

ଧରାକୋଟ, ୧୭।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଧରାକୋଟ ବ୍ଲକର ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ଏଥିରେ ୧୪ ଜଣ ସମ୍ବଳ ଶିକ୍ଷକ ସହଯୋଗ କରିଥିଲେ। ବ୍ଲକ ରିସୋର୍ସ କୋର୍ଡିନେଟର ସୌରୀ ଶଙ୍କର ବେହେରା ପରିଚାଳନା କରିଥିଲେ। ବିଇଓ ରମେଶଚନ୍ଦ୍ର ସାହୁ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଶ୍ରେଣୀ ଶିକ୍ଷଣ କାର୍ଯ୍ୟକୁ ସହଜ ସରଳ ଓ ଆନନ୍ଦମୟ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ। ଏହା ହୋଇପାରିଲେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟମୁଖୀ ହୋଇପାରିବେ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। ଏବିଇଓ ବିଭୂତି ଭୁଷଣ ପାତ୍ର ଓ ଅନ୍ୟମାନେ ସହଯୋଗ କରିଥିଲେ।

### ବିଶ୍ୱ ଖାଉଟି ଦିବସ

ଭଞ୍ଜନଗର, ୧୭।୩(ବାବୁଲା ପ୍ରଧାନ)
ବିଶ୍ୱ ଖାଉଟି ଦିବସ ଅବସରରେ ଉପଭୋକ୍ତା ଓକିଲାତି ସଂଘ ବାର୍ଡ, ଅବସର ସୈନିକ ସଂଘ, ଗ୍ରାହକ ପଞ୍ଚାୟତ ମିଳିତ ସହଯୋଗରେ ଭଞ୍ଜନଗର କାରଗିଲ ଭବନ ଠାରେ ସୋମବାର ବିଶ୍ୱ ଗ୍ରାହକ ଦିବସ ପାଳନ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ଭଞ୍ଜନଗର ସଭାପତି ମହେନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଖାଉଟି ସୁରକ୍ଷା ଆଇନ, ସମସ୍ତ ସରକାରୀ ଓ ଘରୋଇ ବ୍ୟବସାୟ ଅନୁଷ୍ଠାନରେ ଗୁଡିକରେ ଖାଉଟିଙ୍କ ଅଧିକାର ଓ କର୍ତ୍ତବ୍ୟ ଓଡିଆ ଭାଷାରେ ଲେଖିବା ଉପରେ ଗୁରୁତ୍ୱ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ଯୋଗାଣ ବିଭାଗର ଅଧିକାରୀ ଶୁଭଶ୍ରୀ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯଦି କୌଣସି ବ୍ୟକ୍ତି ଖୋଲା ବଜାରରେ ରନ୍ଧନ ଗ୍ୟାସ ଚୋରାରେ ବିକ୍ରି କରୁଥିବା ଜଣାପଡ଼େ ତେବେ ସଂପୃକ୍ତ ଉପଭୋକ୍ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବକ୍ତାମାନେ କହିଥିଲେ।

## ଗ୍ରୀଷ୍ମ ମୁକାବିଲା ନେଇ ପ୍ରଶାସନ ନୀରବ

ପାରଳାଖେମୁଣ୍ଡି, ୧୭।୩(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଗ୍ରୀଷ୍ମ ପ୍ରଭାବ ବଢ଼ି ଚାଲିଛି। ପ୍ରଶାସନ ବୈଠକ କରି ଗ୍ରୀଷ୍ମର ମୁକାବିଲା ପାଇଁ ପ୍ରସ୍ତୁତି କରୁଥିବା କହୁଛି। ସେଥିବାପାଇଁ ଚଳିତ ମାସ ୬ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ତଥା ଗ୍ରୀଷ୍ମର ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ବସିଥିଲା। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ । ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ପ୍ରାଥମିକ ସ୍ତରରେ ଜଳଛତ୍ରର ଆବଶ୍ୟକତା ରହିଛି। ଏଥିସହ ନଳକୂପଗୁଡିକର ମରାମତି କରିବା, ବସ୍‌ଗୁଡିକରେ ପାନୀୟ ଜଳ ବ୍ୟବସ୍ଥା, ମେଡିକାଲରେ ଅଂଶୁଘାତ ଚିକିତ୍ସା କକ୍ଷ ଖୋଲିବା ଆଦି ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଏହାକୁ କାର୍ଯ୍ୟକାରୀ ପାଇଁ ସମ୍ମତି ଦେଇଥିଲେ। ଏବେ ବୈଠକ ସରିବାର ୧୦ଦିନରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ସୁଦ୍ଧା ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ପାରଳାଖେମୁଣ୍ଡିରେ ପୌର ପରିଷଦ ମଧ୍ୟ କୌଣସି ଜଳଛତ୍ର ଏଯାଏ ଖୋଲିପାରିନି। ମଙ୍ଗଳବାର ସହରର ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ଥିଲା। ପଥଚାରୀମାନେ ପାଣି ମୁନ୍ଦାଏ ପାଇଁ ଏଣେତେଣେ ଚାହୁଁ ଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଗ୍ରୀଷ୍ମ ପ୍ରବାହର ମକାବିଲା ଲାଗି ଜଳଛତ୍ରମାନ ଖୋଲିବା ସହ ଏନେଇ ଜନସାଧାରଣଙ୍କୁ ସଚେତନ କରିବାକୁ ଦାବି ହେଉଛି।

## ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ ନେଇ ଦାବିପତ୍ର

### ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ କରୁଛି ବ୍ଲକ ପ୍ରଶାସନ

ଖଜୁରୀପଡା, ୧୭।୩ (ବିଦୁର ବେହେରା)



କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରିତା ନେଇ ବିଡିଓଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ବ୍ଲକରେ ତୁରନ୍ତ କାର୍ଯ୍ୟକାରୀ ଦାବି କରାଯାଇଛି। ଖଜୁରିପଡା ମଣ୍ଡଳ ସଭାପତି ରଞ୍ଜନ କହଁର, ବଲସକୁମ୍ପା ମଣ୍ଡଳ ସଭାପତି ଶ୍ରୀନିବାସ ପ୍ରଧାନଙ୍କ ନେତୃତ୍ୱରେ ଉଭୟ ମଣ୍ଡଳ ସଭାପତି ଏବଂ ଜିଲା ଭାଜପା ଉପସଭାପତି ମନୋଜ ପଣ୍ଡା, ଖଜୁରିପଡା ବ୍ଲକ ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ସ୍ୱାସ୍ଥ୍ୟ ପ୍ରତିନିଧି ରାଇ କିଶୋର ପ୍ରଧାନ, ସାଧାରଣ ସମ୍ପାଦକ ଦଶରଥ ସାହୁ, ଦେବରାଜ ମୁଖି, ଯୁବନେତା ସିଦ୍ଧାର୍ଥ ସାହୁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ବାହିନୀପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳର ପ୍ରମୁଖ ସମସ୍ୟା ଦୂରୀକରଣ ପାଇଁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଖଜୁରିପଡା ବ୍ଲକ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରୁନାହିଁ। ଫଳରେ ଦଳୀୟ କର୍ମକର୍ତ୍ତା କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଏବଂ ଫୁଲବାଣୀ ବିଧାୟକ ଉମା ଚରଣ ମଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଭୟ ଏମ୍‌ପି ଓ ବିଧାୟକ ଉକ୍ତ ପ୍ରକଳ୍ପ ବ୍ଲକରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଡ଼ିଓଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହା ସତ୍ତ୍ୱେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାରେ ବ୍ଲକ ପ୍ରଶାସନ ବିଳମ୍ବ କରୁଛି ବୋଲି ଭାଜପା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯଦି ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ନ ହୁଏ ତେବେ ପଞ୍ଚାୟତ ସମିତିରେ କୌଣସି ଯୋଜନା କାର୍ଯ୍ୟକାରୀ ନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଯଦି କୌଣସି ଅଞ୍ଚଳରେ କିଛି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୁଏ ତେବେ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଏହାକୁ ଜୋରଦାର ବିରୋଧ କରାଯିବ ବୋଲି ମଣ୍ଡଳ ସଭାପତି ରଞ୍ଜନ କୁମାର କହଁର, ଶ୍ରୀନିବାସ ପ୍ରଧାନ କହିଛନ୍ତି।

## ବଟେଶ୍ୱରକୁ ସଂଯୋଗ ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ

ଗଞ୍ଜାମ, ୧୭।୩(ବିଦ୍ୟାଧର ସାହୁ): ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ବଟେଶ୍ୱର ପୀଠରୁ ୧୬ନଂ. ଜାତୀୟ ରାଜପଥକୁ ସଂଯୋଗ ନିମନ୍ତେ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ବିଳମ୍ବ ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ପର୍ଯ୍ୟଟକମାନଙ୍କ ସମେତ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୩ ଗ୍ରାମର ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ସମସ୍ୟା ନେଇ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଅସନ୍ତୋଷ ପ୍ରକାଶ କରାଯିବା ସହ ଏନେଇ ଜିଲାପାଳଙ୍କୁ ଅବଗତ କରାଯିବାକୁ ନିଷ୍ପତି ହୋଇଛି। ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ଟି ଗ୍ରାମର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ସୂଚନାଯୋଗ୍ୟ, ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ରାସ୍ତା ନିର୍ମାଣ ପାଇଁ ପ୍ରାୟ ୫ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ନିର୍ମାଣ କାର୍ଯ୍ୟ ଠିକ ଭାବେ ତ୍ୱରାନ୍ୱିତ କରନାହାନ୍ତି।

### ଠାକୁରାଣୀଙ୍କୁ ପଣା ଅର୍ପଣ

ବେଲଗୁଣ୍ଠା, ୧୭।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)
ଚୈତ୍ର ଦ୍ୱିତୀୟ ପାଳି ମଙ୍ଗଳବାର ଅବସରରେ ବେଲଗୁଣ୍ଠା ସହରର ବିଭିନ୍ନ ଦେବୀଙ୍କୁ ପରମ୍ପରା ମୁତାବକ ପଣାପାଣି ଅର୍ପଣ କରାଯାଇଛି। ଜଗନ୍ନାଥ ପାଟଣାସାହି ପକ୍ଷରୁ ସହରର ୫ଟି ଦେବୀ ମନ୍ଦିର ମା' ବ୍ରାହ୍ମଣ ଦେବୀ, ମା' ଠାକୁରାଣୀ, ମା' ଝିଙ୍କର ଦେବୀ, ମା' ଶ୍ୟାମାକାଳୀ, ମା' ରୁଦ୍ରକାଳୀଙ୍କୁ ପଣାପାଣି ଅର୍ପଣ କରାଯାଇଥିଲା। ଏହି ଅବସରରେ ପାରମ୍ପରିକ ଚାଙ୍ଗୁ ବାଦ୍ୟର ତାଳେ ତାଳେ ଝୁଣା ପଣାରେ ସହର ମହକି ଉଠିଥିଲା। ସେହିପରି ସହରର ରେଡିକା ସାହି ପକ୍ଷରୁ ମଧ୍ୟ ପଞ୍ଚ ଦେବୀଙ୍କ ନିକଟରେ ପଣାପାଣି ଅର୍ପଣ କରାଯାଇଛି।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

# ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ ଗଲେ ୩୦୦ ଶ୍ରଦ୍ଧାଳୁ

ଛତ୍ରପୁର, ୧୭।୩(ଦିଲୀପ ସାମଲ):

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ମଙ୍ଗଳବାର ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୩୦୦ ଶ୍ରଦ୍ଧାଳୁ ୧୦ଟି ଶୀତତାପ ନିୟନ୍ତ୍ରିତ ବସରେ ଛତ୍ରପୁରରୁ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ସ୍ଥାନୀୟ ନୂତନ ବସଷ୍ଟାଣ୍ଡରୁ ବସଗୁଡିକୁ ଶୋଭାଯାତ୍ରାରେ ଯାତ୍ରା ଆରମ୍ଭ କରିଥିଲା। ଜିଲାପାଳ ଭି. କୀର୍ତ୍ତିଭାସନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ମୁନିସିପେଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ସ୍ୱାଧୀନ ରଥ, ଓଏସଆରଟିସି ଜିଲା ସଂଯୋଜକ ବିଶ୍ୱ ରଞ୍ଜନ ମହାନ୍ତି, ଜିଲା ମ୍ୟାନେଜର ବ୍ରହ୍ମପୁର ଡିପୋ ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଏସ୍କର୍ଟ ଅଫିସର ଓ ପାରାମେଡିକାଲ ଷ୍ଟାଫ ଉକ୍ତ ବସ୍‌ରେ ଯାଇଛନ୍ତି । ଶ୍ରଦ୍ଧାଳୁମାନଙ୍କ ପାଇଁ ପୁରୀର ବୃନ୍ଦାବତୀ ନିବାସରେ ସମସ୍ତ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ସରକାରଙ୍କ ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକ, ବିଧବା ମହିଳା, ଆର୍ଥିକ ଦୁର୍ବଳ ଓ ଶ୍ରଦ୍ଧାଳୁମାନଙ୍କୁ ପୁରୀ ଶ୍ରୀମନ୍ଦିରକୁ ନିଶୁଳ୍କ ଯାତ୍ରା ସୁବିଧା ଯୋଗାଇ ଦିଆଯାଇଛି ।



### ଜଗା ଦର୍ଶନରେ ଗଲେ ୧୦୮ ବରିଷ୍ଠ ନାଗରିକ

ଫୁଲବାଣୀ, ୧୭।୩(ରାକେଶ ରାଉତ)
ରାଜ୍ୟ ସରକାରଙ୍କ ଜଗନ୍ନାଥ ଦର୍ଶନ ଯୋଜନାରେ ମଙ୍ଗଳବାର କନ୍ଧମାଳ ଜିଲାର ୧୦୮ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ରାଜ୍ୟ ପରିବହନ ନିଗମର ୩ଟି ବସ୍‌ରେ ଏହି ତୀର୍ଥଯାତ୍ରୀମାନେ ପୁରୀ ଗସ୍ତ କରିଛନ୍ତି। ଏହି ଦୁଇଦିନିଆ ଯାତ୍ରା ଅବସରରେ ସେମାନେ ଜଗନ୍ନାଥ ମନ୍ଦିରସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଧାର୍ମିକ ସ୍ଥଳ ପରିଦର୍ଶନ କରିବେ। ସ୍ଥାନୀୟ କରୋନେସନ ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗ ଦେଇ ତୀର୍ଥଯାତ୍ରୀମାନଙ୍କୁ ବିଦାୟ ଜଣାଇଥିଲେ। ବୁଧବାର ସକାଳ ସୁଦ୍ଧା ଯାତ୍ରୀମାନେ ପୁରୀରେ ପହଞ୍ଚିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ କହିଛନ୍ତି।

### ୱାରେଣ୍ଟି ଗିରଫ

ଦିଗପହଣ୍ଡି, ୧୭।୩(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲା ଦିଗପହଣ୍ଡି ପୋଲିସ ମଙ୍ଗଳବାର ଦିଗପହଣ୍ଡି ବ୍ଲକ କୈଥଖଣ୍ଡି ପଞ୍ଚାୟତ ପେଣ୍ଡୁରାବାଡ଼ି ଗ୍ରାମର ଚୁନା ମହାନ୍ତିଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନାମରେ ଜି.ଆର. କେସ ନଂ.୧୯୨/୧୩ ରହିଥିଲା। ଜାମିନରେ ଆସିବା ପରେ ଚୁନା ଆଉ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି କରିଥିଲେ। ଏହାକୁ ଭିତ୍ତି କରି ଦିଗପହଣ୍ଡି ପୋଲିସ ଚୁନାଙ୍କୁ ଗିରଫ କରିଥିବା ଆଇଆଇସି କିଶୋର ସାମଲ କହିଛନ୍ତି।

## ସିମନବାଡ଼ିରେ ବଲାଣି ପୂଜା



ଦାରିଙ୍ଗବାଡି, ୧୭।୩ (ଅରୁଣ ସାହୁ ):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ଅଞ୍ଚଳରେ ପାରମ୍ପରିକ ବଲାଣି ପୂଜା ଅନୁଷ୍ଠିତ ହୋଇଛି। ବିଶ୍ୱାସ ରହିଛି ଏହି ପୂଜା କଲେ ହାଡଫୁଟି, ମିଳିମିଳା ଓ ବସନ୍ତ ଭଳି ଭୂତାଣୁଜନିତ ରୋଗ ଆସିବ ନାହିଁ। ବହୁ ବର୍ଷ ପୂର୍ବରୁ ରହି ଆସିଥିବା ଏହି ପୂଜା ପରମ୍ପରାକୁ ଗ୍ରାମବାସୀ ଏବେ ମଧ୍ୟ ପାଳନ କରିଆସୁଛନ୍ତି। ଚୈତ୍ର ମାସର ଯେ କୌଣସି ମଙ୍ଗଳବାର ବଲାଣି ପୂଜା କରାଯାଇପାରେ। ଗାଁର ଗୁଣିଆ ପୂଜାରୀ ମା'ପାଟଖଣ୍ଡା, ଗ୍ରାମଦେବତାଙ୍କୁ ସ୍ମରଣ କରି ଧରିଥିବା ଘଟକୁ ପ୍ରତି ଘରର ଛପରକୁ ଛୁଆଁଇ କିଭଳି ଭୁତାଣୁ ଆସିବ ନାହିଁ ସେ ନେଇ ପ୍ରାର୍ଥନା କରିଥାନ୍ତି। ଏଥିସହ ଖରାପ ଶକ୍ତିକୁ ଗାଁରୁ ବାହାର କରାଯିବା ପାଇଁ ପଣା ହାଣ୍ଡି, କୁକୁଡ଼ା, ଛେଳି ଆଦିକୁ ଗାଁ ଠାରୁ ଦୂର ଘଞ୍ଚ ଜଙ୍ଗଲରେ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗାଁ ଲୋକ ଏକାଠି ହୋଇ ପ୍ରସାଦ ସେବନ କରି ଗୁଣିଆଙ୍କ ଦ୍ୱାରା ପୂଜା କରାଯାଇଥିବା ପାଣି ଛିଞ୍ଚନ ପରେ ଘରକୁ ଫେରିଥାନ୍ତି। ସିମନବାଡିରେ ମଙ୍ଗଳବାର ଏହି ବଲାଣି ପୂଜା ପାଇଁ ସ୍ଥାନୀୟ ସମିତିସଭ୍ୟ ସାଧୁ ନାୟକଙ୍କ ନେତୃତ୍ୱରେ ରମା ଦେହୁରୀ, ଚିତ୍ତ ରଞ୍ଜନ ନାୟକ, ନାଥ ମାଝୀ, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣିଙ୍କ ସମେତ ବହୁ ଶ୍ରଦ୍ଧାଳୁ ପରିଚାଳନା କରିଛନ୍ତି।

## କଳିଙ୍ଗା ବିଏଡ୍ କଲେଜରେ ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ




ଜି.ଉଦୟଗିରି, ୧୭।୩(ଚିନ୍ମୟ କୁମାର ସେଠୀ )
କଳିଙ୍ଗାସ୍ଥିତ ବିଏଡ୍ କଲେଜରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଓ କଳିଙ୍ଗା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ଭୋଇ ବିଚାରକ ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ମୂଲ୍ୟାୟନ କରିଥିଲେ। ମହାବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ବିଏଡ୍ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶିକ୍ଷାଦାନକୁ କିଭଳି ଅଧିକ ପ୍ରଭାବଶାଳୀ, ସହଜ କରାଯାଇପାରିବ ସେନେଇ ସାମଗ୍ରୀଗୁଡିକ ପ୍ରଦର୍ଶନୀ କରାଯାଇ ଦର୍ଶାଯାଇଥିଲା। ପ୍ରଦର୍ଶନୀକୁ କଳିଙ୍ଗାସ୍ଥିତ ସି.ଟି. ଟ୍ରେନିଂ ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ପରିଦର୍ଶନ କରିଥିଲେ। ଅଧ୍ୟକ୍ଷ ଡ. ଦୀପକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ପ୍ରଦର୍ଶନୀରେ ସହକାରୀ ପ୍ରଫେସର ବିକ୍ରମ ପ୍ରଧାନ, ବିଚିତ୍ର ବେହେରା, ସୌମ୍ୟରଞ୍ଜନ ନାୟକ, ମୋନାଲିସା ନାୟକ, ଭେଙ୍କଟେଶ ରେଡ୍ଡୀ ଡୁଙ୍ଗୁ, ସୁବ୍ରତ ପାଢ଼ୀ, ଶ୍ରଦ୍ଧାଞ୍ଜଳି ଦାସ, ପ୍ରମୋଦ ନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ ।

## ଭେଲିଡେସନ ଆକ୍ଟକୁ ବିରୋଧ, ମାର୍ଚ୍ଚ ୨୫କୁ କଳା ଦିବସ ଭାବେ ପାଳିବେ

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର, ୧୭।୩(ବାବୁଲା ପ୍ରଧାନ):
ଭଞ୍ଜନଗର ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆନୁକୂଲ୍ୟରେ ଭଞ୍ଜନଗରଠାରେ ସଂଘ ସଭାପତି ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଅତିଥିଭାବେ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଉପସଭାପତି ପର୍ଶୁରାମ ସ୍ୱାଇଁ, ସାଧାରଣ ସମ୍ପାଦକ ଅନୁପମ ବାନାର୍ଜୀ, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ସଦସ୍ୟ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଅମର ବିଳାସ ବେହେରା ଓ ସନ୍ତୋଷ କୁମାର ଜେନା ଯୋଗଦେଇ ସରକାରଙ୍କ ଦ୍ୱାରା ପାରିତ ଭେଲିଡେସନ ଆକ୍ଟ-୨୦୨୫ ର ଆଭିମୁଖ୍ୟ ଓ କଳା ଆଇନର କାର୍ଯ୍ୟ ଧାରାକୁ ବିରୋଧ କରିଥିଲେ। ଆସନ୍ତା ୨୫ ତାରିଖରେ ଏହା ବିରୋଧରେ ନୀରବ ଶୋଭାଯାତ୍ରାରେ ଯାଇ ଉପଜିଲାପାଳଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାପୂର୍ବରୁ ୭ମ ପେ-କମିଶନ ରିପୋର୍ଟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ଦୃଷ୍ଟି ଦିଆଯାଇଥିବା ବେଳେ ବର୍ତ୍ତମାନର ସରକାର ପେନସନ ଭୋଗୀଙ୍କ ପେନସନ ସଂକୁଚିତ କରି ବିଭାଜନ କରିବା ପାଇଁ ଭେଲିଡେସନ ଆକ୍ଟ କରିଥିବା ଯୋଗୁଁ କ୍ଷୋଭ ପ୍ରକାଶ କରାଯାଇଥିଲା । ସର୍ବ ଭାରତୀୟ ପେନସେନର୍ସ ଫେଡେରେସନର କାର୍ଯ୍ୟକାରୀ ବୈଠକ, ରାଜ୍ୟ ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ, ଭୁବନେଶ୍ୱରର ପ୍ରସ୍ତାବ କ୍ରମେ ଆସନ୍ତା ମାର୍ଚ୍ଚ ୨୫ ତାରିଖକୁ କଳା ଦିବସ"ଭାବେ ପାଳନ କରିବା ପାଇଁ ନେଇଥିବା ନିଷ୍ପତ୍ତିକୁ ସମର୍ଥନ କରାଯାଇଥିଲା। ପ୍ରାରମ୍ଭରେ ସଭ୍ୟ ଶେଷଦେବ ପଣ୍ଡା ସ୍ୱାଗତ ସଂଗୀତ ପରିବେଷଣ, ସାଧାରଣ ସମ୍ପାଦକ ଅନୁପମ ବାନାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ ଗତ ବୈଠକର ବିବରଣୀ ପାଠ କରିଥିଲେ । ଶେଷରେ ସଦସ୍ୟ ପିତାମ୍ବର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ତାରିଣୀ ଶାନ୍ତିପାଠ କରିଥିଲେ।

# ଜବତ ହେଲା ୧୮ ଘରୋଇ ଗ୍ୟାସ୍ ସିଲିଣ୍ଡର

**ନୟାଗଡ଼,୧୭।୩(ଲୋକନାଥ ମିଶ୍ର)**

■ ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ାଉ

■ ୨ ବ୍ୟବସାୟ ପ୍ରତିଷ୍ଠାନ ଫସିଲେ, ୭ ଖସିଲେ

■ ଚଢ଼ାଉ ପୂର୍ବରୁ ଆଗୁଆ ସୂଚନା ପହଞ୍ଚିବା ଅଭିଯୋଗ



ନୟାଗଡ଼ ଜିଲା ଯୋଗାଣ ବିଭାଗ ପକ୍ଷରୁ ତହସିଲଦାର ରାକେଶ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ନୟାଗଡ଼ କଲେଜ ପାଖ ମ୍ୟାରିଗୋଲ୍ଡ ହୋଟେଲରୁ ୧୩ ଘରୋଇ ସିଲିଣ୍ଡର ଓ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଟେଷ୍ଟି ଟେଷ୍ଟି ହୋଟେଲରୁ ୫ଟି ଘରୋଇ ସିଲିଣ୍ଡର ମୋଟ ୧୮ ସିଲିଣ୍ଡର ଜବତ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଯୋଗାଣ ବିଭାଗ ପକ୍ଷରୁ ୯ ହୋଟେଲ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ ହୋଇଥିଲା। ଏହି ସମୟରେ ୭ଟି ହୋଟେଲ ଓ ରେଷ୍ଟୁରାଣ୍ଟରୁ କିଛି ମିଳି ନ ଥିଲା। ଆଗୁଆ ସୂଚନା ପାଇ ଯିବାରୁ ସିଲିଣ୍ଡର ଗାଏବ କରି ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ତିଳୋତମା ସାହୁଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ଚଢ଼ାଉରେ ନୟାଗଡ଼ ଟାଉନ ଥାନା ପୋଲିସ ସାମିଲ ହୋଇଥିଲା। ପ୍ରଥମେ କଲେଜ ପାଖ ସିଗ୍ନେଚର ରେଷ୍ଟୁରାଣ୍ଟରେ ଚଢ଼ାଉ ହୋଇଥିଲା। ତେବେ ଆଗୁଆ ସୂଚନା ଯୋଗୁ ସିଲିଣ୍ଡରକୁ ଗାଏବ କରାଯାଇଥିବା ଜଣାପଡିଥିଲା। ତେବେ ମ୍ୟାରିଗୋଲ୍ଡ ହୋଟେଲରୁ ୪ ଗ୍ୟାସ ଭର୍ତ୍ତି ହୋଇ ରହିଥିବା ଘରୋଇ ସିଲିଣ୍ଡର ସହ ୧୪ ଖାଲି ସିଲିଣ୍ଡର ଜବତ ହୋଇଥିଲା। ପରେ ନୟାଗଡ଼ ସହରର କୋଏନା, ଉତ୍ସବ ସାଉଥ୍ ଇଣ୍ଡିଆନ, ଘଡ଼ୁଆଳ ନିକଟସ୍ଥ ପୁଷ୍ପା ରେଷ୍ଟୁରାଣ୍ଟ, ମା’ ହୋଟେଲ ଉପରେ ଚଢ଼ାଉ ହୋଇଥିଲେ ମଧ୍ୟ ସିଲିଣ୍ଡର ନ ଥିଲା। ଶେଷରେ ଟେଷ୍ଟି ଟେଷ୍ଟିରୁ ୫ ସିଲିଣ୍ଡର ଜବତ ହୋଇଥିଲା।

### ନୂଆ ତରିକାରେ ଗ୍ୟାସ୍ ବ୍ୟବହାର

ମଧ୍ୟପ୍ରାଚ୍ୟ ଯୁଦ୍ଧର ଯନ୍ତ୍ରଣା ନୟାଗଡ଼ ଜିଲାବାସୀଙ୍କ ରୋଷେଇ ଘରେ ଅନୁଭବ ହେଉଥିବାବେଳେ ଜିଲାର ହୋଟେଲ ଓ ରେଷ୍ଟୁରାଣ୍ଟରେ କିନ୍ତୁ ଏହାର ପ୍ରଭାବ ଏଯାବତ ପଡିନି। ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ସରକାର ଓ ଜିଲା ପ୍ରଶାସନ କମର୍ସିଆଲ ଗ୍ୟାସ ଯୋଗାଣ ବନ୍ଦ କରିଥିଲେ ମଧ୍ୟ କିଛି ଫରକ ପକାଇ ପାରିନାହିଁଣ୍। ଯୁଦ୍ଧ ପୂର୍ବରୁ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡିକ ଯେପରି ନିର୍ଭୟରେ ଘରୋଇ ସିଲିଣ୍ଡର ବ୍ୟବହାର କରି ରୋଷେଇ କରାଯାଉଥିଲା ଏବେ ମଧ୍ୟ ସେଇ ତରିକାରେ ଚାଲିଥିଲା। ତେବେ ମଙ୍ଗଳବାର ଚଢ଼ାଉ ସବୁ କିଛି ଗଡବଡ କରିଦେଲା। ଚଢ଼ାଉ ପରେ କମର୍ସିଆଲ ଗ୍ୟାସ ସିଲିଣ୍ଡରରେ ଘରୋଇ ଗ୍ୟାସ ଲୋଡିଂ କରି ରୋଷେଇ ଆରମ୍ଭ ହୋଇଛି। ନୂଆ ତରିକାରେ ଯଦିଓ ସନ୍ଧ୍ୟାରେ କେତେକ ହୋଟେଲ ଓ ରେଷ୍ଟୁରାଣ୍ଟରେ ରୋଷେଇ ଆରମ୍ଭ ହୋଇଛି ତେବେ କମର୍ସିଆଲ ସିଲିଣ୍ଡର କେଉଁଠୁ ଆସିଲା, ପ୍ରଶାସନର ବାରଣ ପରେ କିଏ ସିଲିଣ୍ଡର ଯୋଗାଉଛି ସେନେଇ ବି ପ୍ରଶ୍ନ ଉଠିବ। ହେଲେ ଏ ଦିଗରେ ଚଢ଼ାଉ ନ ଥିବାରୁ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକ ଆଶ୍ୱସ୍ତି ଅନୁଭବ କରିଛନ୍ତି। ଏନେଇ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ତିଳୋତମା ସାହୁ କୁହନ୍ତି ହୋଟେଲ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉରେ ସଫଳତା ମିଳିଛି। ୧୮ ଘରୋଇ ସିଲିଣ୍ଡର ଜବତ ହୋଇଛି। ଜଚଢ଼ାଉ ନିୟମିତ ଚାଲିବ ବୋଲି କହିଛନ୍ତି।

## ହୋଟେଲରେ ବାସିଖାଦ୍ୟ ଓ ମାଂସ

ଚଢ଼ାଉ ବେଳେ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚାଲିଥିବା ବାସି ରନ୍ଧା ଖାଦ୍ୟ ଓ ମାଂସ ଫ୍ରିଜ ଓ ଫ୍ରିଜରରେ ରଖା ଯାଉଥିବାର ଗୁମର ଫିଟିଲା। ଫ୍ରିଜ ଓ ଫ୍ରିଜରରେ ରହିଥିବା ଖାଦ୍ୟ ଓ ମାଂସ ଦୁର୍ଗନ୍ଧ ହେଉଥିଲେ ମଧ୍ୟ ଗରମ କରାଇ ସୁସ୍ୱାଦୁ କରି ଗ୍ରାହକଙ୍କୁ ପରସା ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ସ୍ୱାସ୍ଥ୍ୟ ବିଭାଗର ଫୁଡ ସେଫ୍ଟି ଅଫିସର ଚଢ଼ାଉ ନ କରି ସବୁ କିଛି ଠିକଠାକ ଚାଲିଛି ବୋଲି ବିଭିନ୍ନ ସମୟରେ ଉତ୍ତର ମିଳୁଛି। କିଛି ହୋଟେଲ ଓ ରେଷ୍ଟୁରାଣ୍ଟର କର୍ମଚାରୀଙ୍କ ସୂଚନା ଅନୁସାରେ ଗ୍ୟାସକୁ କଳାବଜାରରୁ ଅଧିକ ଦାମରେ କିଣା ଯାଉଥିବାରୁ ତଟକା ଖାଦ୍ୟ ଦେବା ସମ୍ଭବ ହେଉ ନାହିଁ। ଏଣୁ ରୋଷେଇ କରି ଖାଦ୍ୟ, କଞ୍ଚା ମାଂସ ଓ ମାଛକୁ ୭ ରୁ ୧୦ ଦିନ ରଖିବାକୁ ବାଧ୍ୟ ହେଉଛୁ ବୋଲି କହିଥିଲେ। ଘଟଣା ସମ୍ପର୍କରେ ଜାଣିବା ପାଇଁ ଫୁଡ ସେଫ୍ଟି ଅଫିସର ନବ କିଶୋର ସାହୁଙ୍କ ମୋବାଇଲ ନଂ. ୭୬୦୯୮୯୬୬୯୨କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା, କିନ୍ତୁ ରିଂଗ ହୋଇ ନ ଥିଲା।

# ଗାୟତ୍ରୀ ଫାଉଣ୍ଡେଶନ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ରଣପୁର, ୧୭।୩(ସୁକାନ୍ତ କିଶୋର ଡାକୁଆ)**

ରଣପୁର ବ୍ଲକ ମଝିଆଖଣ୍ଡ ପଞ୍ଚାୟତରେ ଗାୟତ୍ରୀ ଫାଉଣ୍ଡେଶନ ତରଫରୁ ଗତ ୬ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହଇଯାଇଛି। ସ୍ଥାନୀୟ ଯୁବକଙ୍କ ମିଳିତ ଉଦ୍ୟମରେ ଗାୟତ୍ରୀ ମେମୋରିଆଲ କ୍ରିକେଟ ଟ୍ରଫି ମଝିଆଖଣ୍ଡ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୯ ଟି ଦଳ ଭାଗ ନେଇଥିଲେ। ଫାଉଣ୍ଡେଶନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇ ଆସୁଥିଲା। ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ ଏବଂ ସମ୍ମାନନୀୟ ଅତିଥି ଭାବେ ମଧୁମିତା ତରେଇ, ସଞ୍ଜୟ କୁମାର ଦାସ, ବିରଞ୍ଚି ପାଇକରାୟ, ଦିବ୍ୟ ରଞ୍ଜନ ପ୍ରଧାନ, ସଂଗ୍ରାମ ମାର୍ଥା, ବିଜୟ କୁମାର ବେହେରା, ବିନାୟକ ତ୍ରିପାଠୀ, ପ୍ରମୋଦ କୁମାର ସାହୁ ଏବଂ ରାଜୀବ କୁମାର ବେହେରା ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ସୌମ୍ୟ ଷ୍ଟ୍ରାଇକର ଏବଂ କୋବ୍ରା ଏକାଡେମୀ ମଧ୍ୟରେ ଖେଳ ହୋଇଥିଲା। ସୌମ୍ୟ ଷ୍ଟ୍ରାଇକର ଚାମ୍ପିୟନ ହୋଇଥିଲେ। ମୁଖ୍ୟ ଅତିଥି ବିଜୟୀ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ୧୨ ଦିନ ଧରି ଏହି ଟୁର୍ନାମେଣ୍ଟକୁ ଅନନ୍ତ କୁମାର ବେହେରା, ଦୀପକ କୁମାର ପ୍ରଧାନ, କେଳୁଚରଣ ବାରିକ ଏବଂ ପଞ୍ଚାୟତର ସମସ୍ତ ଯୁବକମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

# ଶରଣକୁଳରେ ଗ୍ରାମ୍ୟ ନ୍ୟାୟାଳୟ କ୍ୟାମ୍ପ କୋର୍ଟ



କ୍ୟାମ୍ପ କୋର୍ଟକୁ ଆସିଥିବା ବିଚାରପତିଙ୍କୁ ସ୍ୱାଗତ କରାଯାଉଛି।

**ଶରଣକୁଳ, ୧୭।୩ (ଦୀପକ କର)**

ଶରଣକୁଳ ପଞ୍ଚାୟତରେ ଗ୍ରାମ୍ୟ ନ୍ୟାୟାଳୟ କ୍ୟାମ୍ପ କୋର୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଓଡ଼ଗାଁ ଗ୍ରାମ ନ୍ୟାୟ ଅଧିକାରୀ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଜଜ୍ ସୌମ୍ୟଶ୍ରୀ ମହାପାତ୍ର ଏହି କ୍ୟାମ୍ପ କୋର୍ଟରେ ଯୋଗଦେଇ ମାମଲାଗୁଡ଼ିକର ବିଚାର କରିଥିଲେ। ଏଥିରେ ୧୦ଟି କେସ୍‌ରେ ୧୩ଜଣଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରୀ ଓକିଲ କିଶୋର ଚନ୍ଦ୍ର ସାହୁ, ଓକିଲ ପ୍ରମୋଦ କୁମାର ବିଶ୍ୱାଳ ଏବଂ ଅନ୍ୟ ଓକିଲମାନେ ମାମଲା ପରିଚାଳନା କରିଥିଲେ। ଏଥିରେ ବେଞ୍ଚ କ୍ଲର୍କ ଏଲିନା ସାମଲ, ଷ୍ଟେନୋ ପୂଜା ପ୍ରଧାନ ସହଯୋଗ କରିଥିଲେ।

# ପଦ୍ମାବତୀରେ ମହାବାରୁଣୀ ବୁଡ଼



**ଭାପୁର, ୧୭।୩(ପ୍ରଭାତ ବରାଡ)**

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ହେଉଥିବା ବାରୁଣୀ ବୁଡ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୮୦ ବର୍ଷ ଧରି ମହାନଦୀ କୂଳରେ ଅବସ୍ଥିତ ପଦ୍ମାବତୀ ଗାଁମୁଣ୍ଡରେ ଏହି ବାରେଣୀ ବୁଡ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପାରମ୍ପରିକ ପରମ୍ପରା ଅନୁଯାୟୀ ପାଖ ପଡୋଶୀ ବିଜିପୁର ଗ୍ରାମର ଅନନ୍ତେଶ୍ୱର ଦୋଳ, ମାଳିବେରଣୀର ଆଳେଶ୍ୱର ଦେବ ଦୋଳ, ପଦ୍ମାବତୀ ଗ୍ରାମର ମଦନମୋହନ ଦୋଳ, ଗୋପୀନାଥ ଦୋଳ, ରାସବିହାରୀ ଦୋଳ, ରଘୁନାଥ ଦୋଳ, ନୃସିଂହ ଦୋଳ, ବାଲୁଙ୍କେଶ୍ୱର ଦୋଳ , ଜଗନ୍ନାଥ ଦୋଳ , ଶାସନର ଦଧିବାମନ ଦୋଳ , ପାର୍ଥପୁର ବାଲୁଙ୍କେଶ୍ୱର ଦୋଳ, ଛେଳିଆ ବାଲୁଙ୍କେଶ୍ୱର ଦୋଳ, କେନ୍ଦୁପଲ୍ଲୀ ଜଳେଶର ଦୋଳ, ବାଉଁଶବାଟୀ ବିଶ୍ୱନାଥ ଦୋଳ, ପାର୍ବତୀପୁର ବାଲୁଙ୍କେଶ୍ୱର ଦୋଳ, ବାଘେଡିଆ ଦଧିବାମନ ଦୋଳ ଏଠାରେ ଏକାଠି ହୋଇ ଅପରାହ୍ନ ୩ଟାରେ ମହାନଦୀରେ ସ୍ନାନ କରି ଭୋଗ ଖାଇଥିଲେ। ଏହି ବାରେଣୀ ଯାତ୍ରାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ମାନସିକଧାରୀ ପୁରୁଷ ଓ ମହିଳା ମହାନଦୀରେ ସ୍ନାନ କରିଥାନ୍ତି। ପବିତ୍ର ମହାନଦୀରେ ଠାକୁରଙ୍କ ସହ ସ୍ନାନ ତଥା ବୁଡ ପକାଇଲେ ସମସ୍ତ ପାପ କ୍ଷୟ ହେବାସହ ବିଭିନ୍ନ ରୋଗଦୂର ହୋଇଥାଏ। ପବିତ୍ର ମହାବାରୁଣୀ ସ୍ନାନ ଉପଲକ୍ଷେ ପୁଣ୍ୟ ମହାନଦୀ କୂଳରେ ହଜାର ହଜାର ବ୍ୟକ୍ତି ସେମାନଙ୍କର ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ତଥା ଶ୍ରାଦ୍ଧ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ପୋଲିସ କର୍ମଚାରୀ ସମେତ ଏକ ପ୍ଲାଟୁନ ଫୋର୍ସ ମୃତୟନ ରହିଥିଲେ।

ମହାବାରୁଣୀ ବୁଡ ବେଳେ ଏକ ଅଘଟଣ ଘଟିଥିଲା। ମହାନଦୀରେ ବୁଡ ସମୟରେ ପଦ୍ମାବତୀ ଗ୍ରାମର ଜଣେ ଯୁବକ ନଦୀରେ ବୁଡି ଯାଇଥିଲେ। ଭାପୁର ଅଗ୍ନିଶମ କର୍ମଚାରୀ ମାନେ ତୁରନ୍ତ ବୋଟ ସାହାଯ୍ୟରେ ଯାଇ ଯୁବକଙ୍କୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡ଼ା,୧୭।୩(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆଗଡ଼ିଆସାହି ପଞ୍ଚାୟତ ରାକେଶିଆ ଗ୍ରାମରେ ଅନୁଷ୍ଠିତ ହେଉଥିବା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ରବିବାର ଅପରାହ୍ନରେ ଅଧିବାସ ଅବସରରେ ଗ୍ରାମବାସୀ ମିଳିତ ହୋଇ ନିକଟସ୍ଥ ନଟବରପୁର ଶାସନସ୍ଥିତ ଗୋପୀନାଥ ଦେବଙ୍କୁ ନିମନ୍ତ୍ରଣ କରି ବିମାନ ଯୋଗେ ଗ୍ରାମର ଭାଗବତଗୃହ ସମ୍ମୁଖ ଭାଗରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟପ୍ରହର ନାମଯଜ୍ଞ ପରିସରକୁ ବିଜେ କରାଇଥିଲେ। ସୋମବାର ସକାଳୁ ଗ୍ରାମରେ ଥିବା ୮୨ ପରିବାରର ଶତାଧିକ ମହିଳା ପୁରୁଷ ଏକ କଳସ ଶୋଭାଯାତ୍ରାରେ ନିକଟସ୍ଥ କୁଆଁରିଆ ନଦୀରୁ ଜଳଭାର ଆଣି ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ପରେ ଆଖପାଖ ଅଞ୍ଚଳର ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୀମା


@ ଅନିଲ


@ ସୁଦର୍ଶନ


@ ବିଶ୍ୱରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ରଣପୁର, ୧୭।୩(ସୁକାନ୍ତ କିଶୋର)**

**ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ନୟାଗଡ଼ ଜିଲା ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସୋମବାରଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ଏହି ଆନ୍ଦୋଳନ ଚାଲିଥିଲା ବେଳେ ଘଟଣାସ୍ଥଳକୁ ସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ ଆସିନାହାନ୍ତି। ସେମାନେ ଦୀର୍ଘ ଦିନଧରି କାର୍ଯ୍ୟ କରୁଥିଲେ ବି ସରକାର ସେମାନଙ୍କୁ ଉପଯୁକ୍ତ ଦରମା ଦେଉନାହାନ୍ତି। ୩୦ ଦିନ କାର୍ଯ୍ୟ କଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୬ ଦିନର ଦରମା ଦିଆଯାଉଛି। ସେହିପରି ୩/୪ ମାସର ଦରମା ବିଳମ୍ବରେ ପାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଫଳରେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ମାସର ୩୦ଦିନର ଦରମା ଓ ୪ ଦିନର ଛୁଟିଦାବିନେଇ ଡାକ୍ତରଖାନା ଆଗରେ ସୋମବାରଠାରୁ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ପ୍ରତିଦିନ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଓ ଧାରଣା ଦେବେ ବୋଲି କର୍ମଚାରୀ ଦିଲୀପ କୁମାର ସ୍ୱାଇଁ, ମାନସ ରଞ୍ଜନ ମହାପାତ୍ର, ସୁଶୀଳା ମହାପାତ୍ର, ସୁରେଶ ଚନ୍ଦ୍ର ସ୍ୱାଇଁ, ଜ୍ୟୋତିର୍ମୟ ଲେଙ୍କା, ମନୋଜ ନାହାକ, ରବୀନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ମିନତୀ ମହାପାତ୍ର, ବିଜୟ କୁମାର ପ୍ରଧାନ ଓ ଦିଲୀପ କୁମାର ବଡ଼ିଆ ପ୍ରମୁଖ ସୂଚନା ଦେଇଛନ୍ତି। ଧାରଣାରେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟ୍‌ସୋର୍ସିଂ କର୍ମଚାରୀ ସାମିଲ ହୋଇଥିଲେ। କର୍ମଚାରୀଙ୍କ ଆନ୍ଦୋଳନ ପ୍ରଭାବରେ ରୋଗୀମାନେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି।


ଧାରଣାରେ ଆଉଟ୍‌ସୋର୍ସିଂ କର୍ମଚାରୀ ।

# ୭ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରୁନି ଅନୁସୂଚିତ ଛାତ୍ରୀନିବାସ

**ଖଣ୍ଡପଡା,୧୭।୩ (ଅଜୟ କୁମାର ମହାରଣା)**

■ ବନ୍ଦ କୋଠରି ପାଲଟିଛି ସରୀସୃପଙ୍କ ଆଶ୍ରୟସ୍ଥଳ

■ ୭୪ ଲକ୍ଷ ଟଙ୍କା ପାଣିରେ ପଡ଼ିବା ସାର ହେବ



ଖଣ୍ଡପଡା ବ୍ଲକ କଣ୍ଟିଲୋସ୍ଥିତ କୁଞ୍ଜ ବିହାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଦୀର୍ଘ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମିତ ହୋଇଥିବା ଏକ ଅନୁସୂଚିତ ଛାତ୍ରୀ ନିବାସ ଗୃହ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଦୀର୍ଘବର୍ଷ ଧରି ବନ୍ଦହୋଇ ରହିଥିବା ଉକ୍ତ ଗୃହଟି ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଜଣାଯାଇଛି।

ପ୍ରକାଶ ଥାଉକି, ଅନୁସୂଚିତ ଛାତ୍ରୀଙ୍କ ରହିବା, ଖାଇବା ଓ ପାଠ ପଢ଼ିବାର ମହତ ଲକ୍ଷ୍ୟ ନେଇ ୨୦୧୯ରେ ନୀଳମାଧବ ଜୀଉ ପର୍ଯ୍ୟଟନ ପୀଠ କଣ୍ଟିଲୋରେ ଥିବା ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟ(କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ) ପରିସରରେ ପ୍ରାୟ ୭୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଅନୁସୂଚିତ ଛାତ୍ରୀ ଆବାସ ଗୃହ ନିର୍ମାଣ କରାଯାଇଛି। ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ସମ୍ପୃକ୍ତ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପାହାଡ ଉପରେ ଥିବା ବିଦ୍ୟାଳୟର ପାଦ ଦେଶରେ ନିର୍ମିତ ଉକ୍ତ ଛାତ୍ରୀ ନିବାସରେ ୧୦୦ ଛାତ୍ରୀ ରହିବା ଓ ଖାଇବାର ବ୍ୟବସ୍ଥା ରହିଛି। ମାତ୍ର ଉକ୍ତ ଛାତ୍ରୀ ନିବାସଟି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଏହି ଅବ୍ୟବହୃତ ଗୃହ ମଧ୍ୟରେ ଉଇ ଲାଗି ନଷ୍ଟ ହେଉଥିବା ବେଳେ ଏହାର ଚତୁଃପାର୍ଶ୍ୱ ବିଭିନ୍ନ ଗଛଲତାରେ ପରିପୂର୍ଣ୍ଣ ହୋଇଥିବାରୁ ସରୀସୃପଙ୍କ ଆଶ୍ରୟସ୍ଥଳି ପାଲଟିଛି। ଅପରପକ୍ଷରେ ଉକ୍ତ ଗୃହକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ବେଳେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇ ନାହିଁ। ଯଦିଓ ବୋରୱେଲ କାର୍ଯ୍ୟ ସମ୍ପନ୍ନ ହୋଇଛି। ତେବେ ଉକ୍ତ ବୋରୱେଲ ମଧ୍ୟରେ ରହିଥିବା ପାଣିପମ୍ପଟି ରହିଛି ନା କେହି ଲୁଟି ନେଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ଛାତ୍ରୀ ନିବାସରେ ସ୍ଥାନୀୟ ଅଞ୍ଚଳ ସହ ନିକଟସ୍ଥ ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠ, ସିଧାମୂଳା ଗୋଲୁକାନନ୍ଦଜୀଉ ବିଦ୍ୟା ମନ୍ଦିର, କଳପଙ୍ଗି ଓ ଧାନଚେଙ୍ଗଡା ହାଇସ୍କୁଲରୁ ଛାତ୍ରୀମାନେ ଏହି ଛାତ୍ରୀ ନିବାସରେ ରହି ପାଠ ପଢିବା ଚାଲିଥିବା ବେଳେ ବିଗତ ବର୍ଷରେ କୋଭିଡ କଟକଣା ଯୋଗୁ ଛାତ୍ରୀ ଅଭିଭାବକମାନେ ଛାତ୍ରୀ ନିବାସକୁ ପିଲାଙ୍କୁ ଛାଡିବାକୁ ଉଚିତ ମଣି ନ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟ ଚାଲୁ କରିବାରେ ପ୍ରଶାସନିକ କ୍ଷେତ୍ରରେ ସେତେଟା ଆଗ୍ରହ ସୃଷ୍ଟି ହୋଇ ନ ଥିଲା। ଫଳରେ ଉକ୍ତ ଛାତ୍ରୀ ନିବାସ ବନ୍ଦ ରହିଥିବା ଜଣାଯାଇଛି। ଇତି ମଧ୍ୟରେ ସମ୍ପୃକ୍ତ ଗୃହରେ ବିଦ୍ୟୁତ ୱାରିଙ୍ଗ ହୋଇଥିବା ବେଳେ ଅବ୍ୟବହୃତ ଗୃହ ମଧ୍ୟରେ ସେ ସବୁ ୱାରିଙ୍ଗ ଗୁଡିକ ନଷ୍ଟ ହେବାରେ ଲାଗିଛି। ଏଠାରେ ଛାତ୍ରୀମାନେ ସୁରକ୍ଷିତ ରହିବା ଅସମ୍ଭବ ହୋଇ ପଡିଛି। ତେବେ ଗତ ବର୍ଷ ନୟାଗଡ଼ ଜିଲା ସମାଜ ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ମେହେର ଓ ଅନ୍ୟ ଅଧିକାରୀମାନେ କଣ୍ଟିଲୋ ଗସ୍ତରେ ଆସି କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ଫେରିଥିବା ବେଳେ ଏଯାବତ୍ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ଦୀର୍ଘ ୭ ବର୍ଷ ତଳୁ ନିର୍ମିତ ଛାତ୍ରୀ ଆବାସ ଗୃହଟିର ଚତୁଃପାର୍ଶ୍ୱ ଗଛଲତାରେ ପୂର୍ଣ୍ଣ ହୋଇଥିବା ବେଳେ ଗୃହ ମଧ୍ୟରେ ଉଇ ଲାଗି ନଷ୍ଟ ହେବାକୁ ବସିଲାଣି। ଗୃହର ଏପରି ଅବସ୍ଥା ଦେଖି କୌଣସି ଅଭିଭାବକ ସେମାନଙ୍କ ପିଲାଙ୍କୁ ଏଠାକୁ ଛାଡିବାକୁ ଉଚିତ ମଣୁ ନାହାନ୍ତି। ଗୃହଟିକୁ ମରାମତି ସହ ସମ୍ପୃକ୍ତ ବାସୋପଯୋଗୀ କରାଯାଇ ପିଲାମାନଙ୍କର ରହିବା ବ୍ୟବସ୍ଥା କରାଯିବାକୁ ପ୍ରଶାସନିକସ୍ତରରେ ପ୍ରୟାସ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଅପରପକ୍ଷରେ ୧୯୬୫ରେ ପ୍ରତିଷ୍ଠା ହୋଇଥିବା ବିଦ୍ୟାଳୟର ଉପର ମହଲା କୋଠାଟି ଅସୁରକ୍ଷିତ ଅବସ୍ଥାରେ ରହିଛି। ଛାତ୍ରୀମାନେ ସେଠାରେ ପଢିବା ସୁରକ୍ଷିତ ନୁହେଁ। ଉକ୍ତ ବିଦ୍ୟାଳୟରେ ୩୭୧ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ନବ ନିର୍ମିତ ଛାତ୍ରୀ ନିବାସଟିକୁ ସଜାଡି ଏଠାରେ ୩ଟି କ୍ଲାସର ପିଲାମାନେ ସୁରକ୍ଷିତ ଭାବରେ ଅଧ୍ୟୟନ କରିପାରିବେ ବୋଲି ପ୍ରଧାନ ଶିକ୍ଷକ ପଣ୍ଡା ମତ ପ୍ରକାଶ କରିଥିଲେ। ତେଣୁ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ନୟାଗଡ଼ ଜିଲାପାଳ ଏବଂ ସ୍ଥାନୀୟ ବିଧାୟକ ବିଦ୍ୟାଳୟର ବାସ୍ତବତାକୁ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

